## ସଂକ୍ଷେପରେ

### ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ ଘଟଣା: ଆଉ ୨ ଗିରଫ

**ଭବାନୀପାଟଣା, ୧୦।୧ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଭଟାଙ୍ଗପଦର ପଞ୍ଚାୟତ କର୍ନାଲା ଗ୍ରାମରେ ବୁଧବାର ଅପରାହ୍ନରେ ଅବକାରୀ ବିଭାଗ ଚଢାଉ କରୁଥିବାବେଳେ ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ୩ କନ୍‌ଷ୍ଟେବଲ ଆହତ ହୋଇଥିଲେ। ଏହାକୁ ନେଇ ସ୍ଥାନୀୟ ଅବକାରୀ ଥାନାର ଓଆଇସି ତିଲକ ରାମ ନାଏକ ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ପୋଲିସ ଏକ ମାମଲା (ନଂ.୬/୨୫) ରୁଜୁ କରି ଘଟଣାରେ ସମ୍ପୃକ୍ତ ଥିବା ଗ୍ରାମର ୮ ଜଣଙ୍କୁ ଗିରଫ କରି ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିଲା। ତେବେ ଏହି ଘଟଣାରେ ଶୁକ୍ରବାର ପୋଲିସ ଆଉ ୨ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କର୍ନାଲା ଗ୍ରାମର ରାଜେଶ ମାଝୀ (୧୯) ଓ ଗୁରିଆ ମାଝୀ (୬୦)।

### ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ବିଶ୍ୱ ହିନ୍ଦୀ ଦିବସ

**ଭବାନୀପାଟଣା, ୧୦।୧ (ଉତ୍ତମ କୁମାର ଦାଶ):** ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ସଭାପତିତ୍ୱ କରିଥିଲେ। ସ୍ନାତକ ହିନ୍ଦୀ ଭାଷା ଓ ସାହିତ୍ୟ ବିଭାଗର ବିଭାଗ ମୁଖ୍ୟ ଡୋଲାମଣି ଧରୁଆ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କୁଳସଚିବ ପିତାମ୍ବର ଭୋଇ ହିନ୍ଦୀ ଭାଷାର ଉପଯୋଗିତା ଓ ଗୁରୁ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଉପକୁଳସଚିବ ମେଜର ଜୟଦେବ ସାହୁ ହିନ୍ଦୀ ଭାଷାର ବ୍ୟବହାରିକ ଦିଗ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ହିନ୍ଦୀ ଭାଷାର ସାର୍ବଜନୀନତା ଏହାକୁ ବିଶ୍ୱ ଦରବାରରେ ପରିଚିତ କରାଇବ ବୋଲି କୁଳପତି ଡ଼. ନାଥ ନିଜ ବକ୍ତବ୍ୟରେ କହିଥିଲେ। ବିଭାଗୀୟ ଅଧ୍ୟାପକ ଗୋବିନ୍ଦ ନାଏକ ହିନ୍ଦୀ ଭାଷାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

### ଏନ୍‌ଏସି ସ୍ତରୀୟ କଳାହାଣ୍ଡି ଉତ୍ସବ

**କେସିଙ୍ଗା, ୧୦।୧ (ଡୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସହରସ୍ଥିତ ବୁଢ଼ାଡଙ୍ଗର ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ମଶାଲ ଯାତ୍ରା ବାହାରିଥିଲା। ଏଥିରେ ଅଧକ୍ଷ ନୃପରାଜ ଯାଦବଙ୍କ ସମେତ କାଉନସିଲର, ନିର୍ବାହୀ ଅଧିକାରୀ ସାମିଲ ହୋଇଥିଲେ।

# ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାର ପ୍ରୟାସ କରିଛନ୍ତି ପ୍ରବାସୀ

**ଭବାନୀପାଟଣା, ୧୦।୧ (ଉତ୍ତମ କୁମାର ଦାଶ)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଗୁରୁବାର ୧୮ତମ ପ୍ରବାସୀ ଭାରତୀୟ ଦିବସ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ‘ବିକଶିତ ଭାରତରେ ପ୍ରବାସୀଙ୍କ ଅବଦାନ’ ଶୀର୍ଷକ ଆନ୍ତର୍ଜାତିକ ପାଠଚକ୍ର ଅନୁଷ୍ଠିତ ହୋଇଥଲା। ଓଡ଼ିଆ ବିଭାଗ ମୁଖ୍ୟ ତଥା ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମର ନୋଡାଲ ଅଫିସର ଡ. ପଲ୍ଲିଶ୍ରୀ ପଟ୍ଟନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। କୁଳସଚିବ ପିତାମ୍ବର ଭୋଇ ପ୍ରବାସୀ ଭାରତୀୟଙ୍କ ସମ୍ବନ୍ଧରେ ଆଲୋଚନା କରିଥିଲେ। ଉପକୁଳସଚିବ ମେଜର ଜୟଦେବ ସାହୁ ପ୍ରବାସୀ ଭାରତୀୟଙ୍କ ସମ୍ବନ୍ଧରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ପ୍ରଫେସର ଦିଗମ୍ବର ପାତ୍ର, ଡକ୍ଟର ନୀଳମାଧବ କର, ଡକ୍ଟର ସୁନନ୍ଦା ମିଶ୍ର, ଚନ୍ଦ୍ରା ମିଶ୍ର ପ୍ରମୁଖ ଯୋଗଦେଇ ପ୍ରବାସ ଜୀବନର କାହାଣୀ ବଖାଣିଥିଲେ। ସାମ୍ପ୍ରତିକ ସମୟରେ ସାରା ବିଶ୍ୱ ଗୋଟିଏ ପରିବାର ହୋଇଯାଇଛି। ପ୍ରବାସୀମାନେ ହିଁ ସାରା ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାର ପ୍ରୟାସ କରିଛନ୍ତି। ରାଜନୀତି ବିଜ୍ଞାନ ମୁଖ୍ୟ ଡକ୍ଟର କୈଳାସ ଚନ୍ଦ୍ର ଦାସ ପ୍ରବାସୀ ଭାରତୀୟଙ୍କ ସଫଳତା ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ପାଠଚକ୍ର ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ପରିଚାଳିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରବାସୀ ଭାରତୀୟ ଦିବସ ଅବସରରେ ବୁଧବାର ପ୍ରବନ୍ଧ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମର ସଂଯୋଜକ ଡୋଳାମଣି ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ଆଲୁମିନା ପାଉଡ଼ର ସହ ୨ ଟ୍ରାକ୍ଟର, ୨ ବୋଲେରୋ, କାର୍ ଜବତ, ୨ କୋର୍ଟ ଚାଲାଣ

**ଲାଞ୍ଜିଗଡ଼, ୧୦।୧ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ଚନ୍ଦନପୁର ଗ୍ରାମ ନିକଟରୁ ଆଲୁମିନା ପାଉଡର ଚୋରି ଅଭିଯୋଗରେ ସ୍ଥାନୀୟ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଚମ୍ପାଦେଇପୁର ଗ୍ରାମର ହଳଧର ସାହୁ ଓ ଖମନଖୁଣ୍ଟି ଗ୍ରାମର ବଇଲା କନ୍ଧପାଣି। ସୂଚନାନୁସାରେ ବୁଧବାର ରାତିରେ ଲାଞ୍ଜିଗଡ଼ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଲାଞ୍ଜିଗଡ଼ ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳ କୌଣସି ସୂତ୍ରରୁ ଆଲୁମିନା ପାଉଡର ଚୋରା ଚାଲାଣ ହେଉଥିବା ଖବର ପାଇ ଏସ୍‌ଆଇ ବଳଭଦ୍ର ଗୌଡ ଓ ପୋଲିସ ବଳ ସହିତ ଚଢାଉ କରିଥିଲେ। ଏହି ସମୟରେ ସେମାନେ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବା ସହିତ ୫ ଟନ ୮ କୁଇଣ୍ଟାଲ ଆଲୁମିନା ପାଉଡର ଲୋଡ ହୋଇଥିବା ୨ ଟ୍ରାକ୍ଟର, ୨ ବୋଲେରୋ ପିକ୍‌ଅପ, ଗୋଟିଏ କାର୍ ସହିତ ନଗଦ ୫୦ ହଜାର ଜବତ କରିଥିଲେ। ଏ ନେଇ ଲାଞ୍ଜିଗଡ ଥାନାରେ କେସ୍ ନଂ.୧/୨୫ରେ ଏକ ମାମଲା ରୁଜୁ କରି ବିଏନ୍‌ଏସ୍ ଧାରା ୩୦୭/୩(୫) ଅନୁଯାୟୀ ୨ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଜିତେନ୍ଦ୍ର ବିଶାଳଙ୍କଠାରୁ ସୂଚନା ମିଳିଛି।

## ପାରମ୍ପରିକ ନାଚଗୀତରେ ଦୁଲୁକିଲା ମଞ୍ଚ




**ପାଟଣାଗଡ ୧୦।୧ (ସଚ୍ଚିଦାନନ୍ଦ ମହାକୁର)**

**ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବ ଉଦ୍‌ଯାପିତ**

ବଲାଙ୍ଗୀର ଜିଲା ପାଟଣଗଡ ଏନ୍‌ଏସିସ୍ଥିତ ଗଙ୍ଗାଧର ପାର୍କଠାରେ ଉପଖଣ୍ଡସ୍ତରୀୟ ଦିନିକିଆ ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ କଳାକାରଙ୍କ ଗହଣରେ ମଶାଲ ଶୋଭାଯାତ୍ରା ଗଡଭିତରସ୍ଥିତ ମା’ ପାଟଣେଶ୍ୱରୀ ମନ୍ଦିରରୁ ବାହାରି ଲୋକ ମହୋତ୍ସବ ମଞ୍ଚକୁ ଅଣାଯାଇଥିଲା । ଉପଜିଲାପାଳ ସୁନୀଲ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ମହୋତ୍ସବକୁ ବଲାଙ୍ଗୀର ଜିଲା ରାଜସ୍ୱ ବିଭାଗ ଏଡିଏମ ପବିତ୍ର କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନିରୁପମା ଟେଟେ, ମାନସିଂ କେରକେଟା, ପଦ୍ମନାଭ ବେହେରା, ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଝାରୀ, ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା, ଖପ୍ରାଖୋଲ, ବେଲପଡା ଓ ପାଟଣାଗଡ ବ୍ଲକର ତହସିଲଦାର, ବିଡିଓ, ବିଇଓ, ଏସିଏସୋ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମଞ୍ଚାସୀନ ଥିଲେ। ପାଟଣାଗଡ, ଖପ୍ରାଖୋଲ ଓ ବେଲପଡା ବ୍ଲକରୁ ମନୋନୀତ ହୋଇ ଆସିଥିବା କଳାକାରମାନେ ଏକକ ଓ ଦଳୀୟ ଭାବରେ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ । ପାରମ୍ପରିକ ନାଚ ଗୀତରେ ମଞ୍ଚ ଦୁଲୁକି ଉଠିଥିବା ବେଳେ ଦର୍ଶକ ଏହାର ଭରପୁର ମଜା ନେଇଥିଲେ। ମୁଖ୍ୟଅତିଥି ବେହେରା ଲୋକ କଳାକୁ ବଞ୍ଚାଇବା ପାଇଁ ମହୋତ୍ସବ ଏକ ପ୍ରୟାସ ହୋଇଥିବା ବେଳେ ଓଡିଶାର ଲୋକ କଳା ଦେଶ ବିଦେଶରେ ପହଞ୍ଚାଇବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ପୁଝାରୀ ଗ୍ରାମାଞ୍ଚଳରେ ଲୁପ୍ତ ଅବସ୍ଥାରେ ଥିବା ବିଭିନ୍ନ କଳାକାରଙ୍କୁ ଏହି ମଞ୍ଚ ଲୋକଲୋଚନକୁ ଆଣିବାରେ ସହାୟକ ହେବ ବୋଲି କହିଥିଲେ । ମହୋତ୍ସବ ରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା ।

# ଢେମସା, ବଜାସାଲରେ ଦୁଲୁକିଲା ମଞ୍ଚ


କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**କୋକସରା, ୧୦।୧ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ନର୍ଲା ବିଧାୟିକା ମନୋରମା ମହାନ୍ତି ମୁଖ୍ୟ ଅତିଥି, ଡ. ଉମେଶ ଚନ୍ଦ୍ର ଶତପଥି ମୁଖ୍ୟ ବକ୍ତା ଓ ସିଡିଓ ଦୟାମୟ ପାଢ଼ୀ, ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ମୌଷଧି ବାଗ, ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ରାଜ୍ୟ ଓମ୍‌ଫେଡ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ସରପଞ୍ଚ ଓ ସମିତି ସଭ୍ୟ ମଞ୍ଚାସୀନ ହୋଇ ବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସିଂଘମ ଡ୍ୟାନ୍ସ ଗ୍ରୁପର ରାଜସ୍ଥାନୀ ନୃତ୍ୟ, ଛଉ ନୃତ୍ୟ ଦିଗପହଣ୍ଡି, ସୋନପୁରର ପାର୍ବା ନୃତ୍ୟ, ଢେମଶା, ବଜାସାଲରେ ମଞ୍ଚ ଦୁଲୁକି ଉଠିଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଶିକ୍ଷକ ସୁଧୀର ପଣ୍ଡା, ନିଳାମ୍ବର ଦାସ, ଶିକ୍ଷୟିତ୍ରୀ ବନଜିନି ଭରଦ୍ୱାଜ, ରକ୍ତଦାତା ଆକାଶ ରଣା, ଏଏନ୍‌ଏମ ଶ୍ରାବଣୀ ବଛା, ଆଶାକର୍ମୀ ରମଣୀ ଦଣ୍ଡସେନା, ଭଲିବଲ କୃତିତ୍ୱ ପାଇଁ ଛାତ୍ର ନରୋତ୍ତମ ପଟ୍ଟନାୟକ, ପଥର ଶିଳ୍ପୀ ଗୋବିନ୍ଦ ମାଝୀ, ସଫଳ ଚାଷି ସୁଦର୍ଶନ ପଟେଲଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଶିବାହାଲକୁ ହରାଇ ଘୋଟସର ଚାମ୍ପିୟନ

**ନୂଆପଡ଼ା, ୧୦।୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ମିଛାପାଲି ଜୟ ମା’ ଧରଣୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ମାୟାଧର ମାଝି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ବିଶିବାହାଲ ଓ ଘୋଟସର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବିଶିବାହାଲ ଦଳ ପ୍ରଥମେ ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା । ଘୋଟସର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା । ଜବାବରେ ବିଶିବାହାଲ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୦୮ ରନରେ ସୀମିତ ରହିଥିଲା। ଫଳରେ ଘୋଟସର ଦଳ ଚାମ୍ପିୟନ ହୋଇଛି। ଅନୁଷ୍ଠାନ ସଭାପତି ପର୍ଶୁରାମ ଧରୁଆଙ୍କ ସଭାପତିତ୍ୱରେ ନୂଆପଡା ବିଧାୟକ ପ୍ରତିନିଧି ଜୟ ଡୋଲକିଆ ମୁଖ୍ୟଅତିଥି, ସମିତି ସଭ୍ୟ ପ୍ରତିନିଧି ଅରୁଣ ସାହୁ, ପ୍ରମାନନ୍ଦ ମାଝି, ଶୋଭାଚନ୍ଦ୍ର ମାଝି, ଜାହିଦ ଖାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ ।

# ମା’ ବୋଟକେନ ଦେବୀଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା

**ବେହେରା, ୧୦।୧ (ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳର ଶାଗବାହାଲିସ୍ଥିତ ମା’ ବୋଟକେନ ଦେବୀଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯାତ୍ରାରେ ବାଙ୍କିମୁଣ୍ଡା ଗ୍ରାମରୁ ଦେବୀ ଦନ୍ତେଶ୍ୱରୀ ଓ ଦଣ୍ଡପଟ୍ଟିଆଣିଙ୍କ ଲାଠି ପହଞ୍ଚି ଦେବୀ ବୋଟକେନଙ୍କ ଲାଠି ସହ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ସମୟରେ ଘରେ ଘରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ମାନସିକଧାରୀ ଭକ୍ତମାନେ ନଡିଆଭୋଗ ସହ ପାରା, କୁକୁଡ଼ା, ବୋଦା ଇତ୍ୟାଦି ବଳି ଦେଇଥିଲେ। ଦେବଦେବୀ ପୂଜା ପାଇଁ ଗାଁ ଉତ୍ସବମୁଖର ହୋଇପଡ଼ିଥିବା ବେଳେ ରାତ୍ରିରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଗବାହାଲି ଗୋଣ୍ଡିଆ ପଦ୍ମ କିଶୋର ନାଏକ, ବୋଟକେନ ମା’ଙ୍କ ପୂଜାରୀ ରୋହିତ ପୂଜାରୀ, ଦେବୀଦନ୍ତେଶ୍ୱରୀ ପୂଜାରୀ ଉଜ୍ଜଳ ସିଂହ ପୁଝାରୀ ପୂଜା କାର୍ଯ୍ୟ ତୁଲାଇଥିଲେ।

## ୧୨ ଲକ୍ଷ ଠକେଇ: ନକଲି ପଞ୍ଚାୟତିରାଜ ଅଫିସର ଗିରଫ

**ଭୁବନେଶ୍ୱର, ୧୦।୧ (ସୂର୍ଯ୍ୟକାନ୍ତ ବେହେରା):** ସରକାରୀ ଚାକିରୀ ଯୋଗାଇଦେବାକୁ କହି ଜଣେ ଯୁବକଙ୍କଠାରୁ ୧୨ ଲକ୍ଷ ଠକେଇ ହୋଇଛି। ଏନେଇ ଠକେଇର ଶିକାର ହୋଇଥିବା ପୂର୍ଣ୍ଣ ଚନ୍ଦ୍ର ପରିଡାଙ୍କ ଅଭିଯୋଗ ପରେ କ୍ୟାପିଟାଲ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ କଳାହାଣ୍ଡି ଜିଲା ନର୍ଲା ଥାନା ଅଞ୍ଚଳର ବ୍ୟାସଦେବ ରାଣା(୪୭)। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## କୁମ୍ଭାରଗୁଡ଼ା ବୁଢ଼ାରଜା ମହୋତ୍ସବ ଉଦ୍‌ଯାପିତ

**ଲାଞ୍ଜିଗଡ଼, ୧୦।୧ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଖେବାହାଲି ପାଞ୍ଚାୟତ ଅନ୍ତର୍ଗତ କୁମ୍ଭାରଗୁଡ଼ା ବୁଢାରଜା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବାର୍ଷିକ ବୁଢାରଜା ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ଦର୍ଶକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଉତ୍ସବରେ ମା’ ହୀରାନୀଳା ସ୍ନାତକ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, କୈଳାଶ ସାହୁ, ପାତ୍ର ମାଝୀ, ତୁଳସୀ ମାଝୀ, ବିଜୟ ନାଏକ, ଶିବରାମ ନାଏକ, ବୁଢାରଜା ସାଂସ୍କୃତିକ ଅନୁଷ୍ଠାନ ସଭାପତି ରାମ ଚନ୍ଦ୍ର ମାଝୀ, ଲାଞ୍ଜିଗଡ଼ ପ୍ରେସକ୍ଲବ ଉପସଭାପତି କ୍ଷମାନିଧି ମହାଖୁଡ଼ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# କଂସଙ୍କ ଦେଓଗାଁ ନଗର ପରିକ୍ରମା

**ଦେଓଗାଁ, ୧୦।୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ନୂଆଁପାଲିରେ ଅନୁଷ୍ଠିତ ହେଉଥିବା ଧନୁଯାତ୍ରାର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ଅପରାହ୍ନରେ ମହାରାଜ କଂସ ପାତ୍ର,ମନ୍ତ୍ରୀ ସହଁ ଗ୍ରାମ ପରିକ୍ରମା କରିବା ସହ ତହସିଲ ଓ ବ୍ଲକ କାର୍ଯ୍ୟାଳୟ ଅଧିକାରୀ ତଥା ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କୁ ଅଞ୍ଚଳର ରହିଥିବା ମୌଳିକ ଅସୁବିଧା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ସନ୍ଧ୍ୟାରେ ପରିଚାଳନା କମିଟି ସଭାପତି କୌସ୍ତୁଭମଣି ପଧାନଙ୍କ ସଭାପତିତ୍ୱ ତଥା କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ଦୋରାଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କଂଗ୍ରେସ ଯୁବନେତା ବିଶ୍ୱଜିତ ପାତ୍ର, ସମ୍ମାନିତ ଅତିଥି ଭାବେ ମକୁନ୍ଦପୁର ସମିତି ସଭ୍ୟ ଅଭିମନ୍ୟୁ ମାଝୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡିଯୋଗ ଦେଇଥିଲେ । ତୃତୀୟ ଦିବସରେ ପୁତୁନା ଓ ଅଷ୍ଟମଲ୍ଲ ପ୍ରେରଣ ,ଶ୍ରୀକୃଷ୍ଣଙ୍କ ହସ୍ତରେ ପୁତୁନା,ଅଷ୍ଟମଲ୍ଲ ନିଧନ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା । କଂସ ଭୂମିକାରେ ଅକ୍ଷୟ କୁମାର ଭୋଇ ଅଭିନୟ କରୁଛନ୍ତି ।



# ଝାରସୁଗୁଡ଼ାକୁ ହରାଇ ଇଷ୍ଟକୋଷ୍ଟ ଭୁବନେଶ୍ୱର ସେମିରେ


ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ନୂଆପଡ଼ା, ୧୦।୧ (ମକାରୁ ବେମାଲ)**

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଆୟୋଜିତ ୩୩ତମ ସର୍ବଭାରତୀୟ ୱାଇଏମ୍‌ସି କପ କ୍ରିକେଟ ଟୁର୍ନାମେଣ୍ଟର ଶକ୍ରବାର ପୁଲ ବି ପଞ୍ଚମ ଦିବସ ମ୍ୟାଚ ପ୍ରୋଗ୍ରେସିଭ ଝାରସୁଗୁଡା ଓ ଇଷ୍ଟକୋଷ୍ଟ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାରସୁଗୁଡା ଦଳ ପ୍ରଥମେ ବ୍ୟାଟିଂ କରି ୨୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲା । ଜବାବରେ ଇଷ୍ଟକୋଷ୍ଟ ଭୁବନେଶ୍ୱର ଦଳ ୨୨.୧ ଓଭରରେ ୬ ଉଇକେଟ ହରାଇ ୧୨୮ରନ କରି ବିଜୟୀ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି । ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ନୂଆପଡା ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଥ ମୁଖ୍ୟଅତିଥି, ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତିଅଭିନନ୍ଦନ ପଣ୍ଡା, ଯୁବ ନେତା ହରିଶ୍ଚନ୍ଦ୍ର ପଣ୍ଡା, ପୂର୍ବତନ ୱାଇଏମ୍‌ସି କ୍ରିକେଟର ଗୁଲାମ ସତାର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଓସିଏ ପେନାଲ ଅମ୍ପେୟାର ବିଶ୍ୱଜିତ ପୁରୋହିତ ଓ ବିଶ୍ୱମ୍ଭର ମହାକୁଡ ଖେଳ ପରିଚାଳନା କରିଥିଲେ।

# ଜାତୀୟ ମତଦାତା ଦିବସ ପାଇଁ ପ୍ରସ୍ତୁତି ବୈଠକ

**ଭବାନୀପାଟଣା, ୧୦।୧ (ଉତ୍ତମ କୁମାର ଦାଶ)**

ଆସନ୍ତା ଜାନୁଆରୀ ୨୫ରେ ସମଗ୍ର ଦେଶରେ ୧୫ତମ ଜାତୀୟ ମତଦାତା ଦିବସ ପାଳନ ହେବ। ଏପରି ସ୍ଥଳେ ଶୁକ୍ରବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଜାତୀୟ ମତଦାତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି ମତଦାନର ନାହିଁ ବିକଳ୍ପ, ଭୋଟ ମୁଁ ନିଶ୍ଚୟ ଦେବି କଲି ସଂକଳ୍ପ। ଏହାକୁ ନେଇ ଜିଲାର ପ୍ରତ୍ୟେକ ପଞ୍ଚାୟତ, ବ୍ଲକ, ଉପଖଣ୍ଡ ଓ ଜିଲା ସ୍ତରରେ ପାଳନ କରିବାର ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବିଦ୍ୟାଳୟ ସ୍ତରରେ ଏହି ଦିବସକୁ ନେଇ ପ୍ରବନ୍ଧ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜିତ ହେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈତାରୁ ଦୀପ, ସହକାରୀ ଜିଲାପାଳ (ନିର୍ବାଚନ) ସୁଶାନ୍ତ କୁମାର ନାଏକ, ଧର୍ମଗଡ ଉପଜିଲାପାଳ ଧ୍ୱମନ ଚକମା, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନାଗ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ସାଇକେଲ ଯାତ୍ରାରେ ସଚେତନତା ବାର୍ତ୍ତା

**ଖଡ଼ିଆଳ, ୧୦।୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସହରର ଇନ୍ଦ୍ର ନଗର ବାସିନ୍ଦା ନିଗମ ମିଶ୍ର ଓ ଶଙ୍କର ଜାଲ ସଚେତନତା ବାର୍ତ୍ତା ନେଇ ଖଡ଼ିଆଳରୁ ପୁରୀକୁ ସାଇକେଲରେ ଯାତ୍ରା ଆରମ୍ଭ କରିଛନ୍ତି। ପେଟ୍ରୋଲ ଚାଳିତ ଯାନବାହନ ଯାତାୟାତ ଯୋଗୁ ପରିବେଶ ପ୍ରଦୂଷିତ ହେଉଛି। ଏଥିଯୋଗୁ ଲୋକେ ଖର୍ଚ୍ଚାନ୍ତ ମଧ ହେଉଛନ୍ତି। ତେଣୁ ଖର୍ଚ୍ଚ କାଟ ହେବା ସହିତ ପରିବେଶ ପ୍ରଦୂଷଣ ମୁକ୍ତ ରହିବା ନେଇ ସେମାନେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସାଇକେଲରେ ଯାତ୍ରା କରୁଥିବା ଦୁଇ ଯୁବକ ପ୍ରକାଶ କରିଛନ୍ତି।

## ମୋବାଇଲ ଟାୱାର ସ୍ଥାପନ ପାଇଁ ସାଂସଦଙ୍କୁ ଦାବିପତ୍ର

**ଖଡିଆଳ, ୧୦।୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ ବ୍ଲକର ଝୋଲପଥର ଓ ଆଖପାଖ ୫ ଗ୍ରାମର ଲୋକେ ନେଟ୍‌ୱର୍କ ସମସ୍ୟା ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ମୋବାଇଲ ଟାୱାର ସ୍ଥାପନ ପାଇଁ ଗ୍ରାମବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ସୁଫଳ ନ ମିଳିବାରୁ ଝୋଲପଥର ଗ୍ରାମର ଯୁବଗୋଷ୍ଠୀ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସାଂସଦ ମଧ ଯଥାଶୀଘ୍ର ଏକ ଟାୱାର ସ୍ଥାପନ କରି କାର୍ଯ୍ୟକ୍ଷମ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ଦଣ୍ଡପାଟ ଅଞ୍ଚଳକୁ ବ୍ଲକ୍ ଦାବି ନେଇ ବିଧାୟକଙ୍କୁ ଦାବିପତ୍ର


ବିଧାୟକଙ୍କୁ ଦାବିପତ୍ର ଦିଆଯାଉଛି।

**ଧର୍ମଗଡ଼, ୧୦।୧ (ଆକାଶ କୁମାର ଜଗତ)**

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳକୁ ବ୍ଲକ୍ ଦାବି ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କୁ ୧୧ ପଞ୍ଚାୟତର ପ୍ରତିନିଧି, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଦାବିପତ୍ର ପ୍ରଦାନ କରିଛନ୍ତି। ଦଣ୍ଡପାଟ ଅଞ୍ଚଳରେ କୋକସରା ବ୍ଲକ୍‌ର ତାଳଗୁମା, ମୁଷାପାଲି, ଖୁଣ୍ଟିଆ, ସାନ ପୋଡ଼ାଗୁଡ଼ା, ଗୋଡମୁଣ୍ଡା, ଡହଗାଁ, ଧର୍ମଗଡ଼ ବ୍ଲକ୍‌ର ଜୟନ୍ତପୁର, ବେହେରା, ଧଅଁରପୁର, ତେଣ୍ଡାପାଲି, ଛଞ୍ଚାଣବାହାଲି, ପର୍ଲା, କଦଳୀମୁଣ୍ଡା, ଘୁମର ଓ ଗଡିଆଜୋର ଗ୍ରାମପଞ୍ଚାୟତ ଆସିଥାଏ। ବିଭିନ୍ନ ପଞ୍ଚାୟତ ବ୍ଲକ୍ ସଦର ମହକୁମାଠାରୁ ପ୍ରାୟ ୨୫ରୁ ୩୦ କି.ମି. ଦୂରରେ ରହୁଥିବାରୁ ଗମନାଗମନ କ୍ଷେତ୍ରରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ କାଳରୁ ଦଣ୍ଡପାଟକୁ ବ୍ଲକ୍ କରାଯିବାକୁ ଦାବି ହୋଇଆସୁଛି। ବର୍ତ୍ତମାନର ସରକାର ବ୍ଲକ୍ ପୁନର୍ଗଠନ ପାଇଁ ବିଚାର କରୁଥିବାରୁ ଦଣ୍ଡପାଟ ବ୍ଲକ୍‌ର ସ୍ୱପ୍ନ ଅଞ୍ଚଳବାସୀଙ୍କ ମନରେ ଉଜ୍ଜୀବିତ ହୋଇଛି। ବିଧାୟକଙ୍କୁ ଦାବିପତ୍ର ପ୍ରଦାନ ସମୟରେ କ୍ରିୟାନୁଷ୍ଠାନ କମିଟି ଆବାହକ ଭବେଶ ଗଏନ୍ତା, ସଭାପତି ଘନଶ୍ୟାମ ପଟେଲ, କାର୍ଯ୍ୟକାରୀ ସଭାପତି ଦିଗାମ୍ବର ଦୁରିଆ, ସମ୍ପାଦକ ପ୍ରଶାନ୍ତ ତିୱାରୀ, ସହ ସମ୍ପାଦକ ଅକ୍ଷୟ ନାଏକ, କୋଷାଧ୍ୟକ୍ଷ ଲଳିତ ବାଣୁଆ, ସରପଞ୍ଚ ଗୌଲୋଚନ ଗୋପାଳଙ୍କ ସମେତ ଦଣ୍ଡପାଟ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ।

# ଘୁମୁରା ମଞ୍ଚରେ ନାଟକ ମାଧ୍ୟମରେ ସ୍କୁଲ ସମସ୍ୟା ଉତ୍‌ଥାପନ

**ଥୁଆମୂଳ ରାମପୁର, ୧୦।୧ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ପ୍ରତି ବିଭିନ୍ନ ସମସ୍ୟା ମଧ୍ୟରେ ଗତିକରୁଛି। ପିଲାମାନଙ୍କ ସୁରକ୍ଷା ଦୃଷ୍ଟିରୁ ପାଚେରି ଓ ସ୍ୱଚ୍ଛ ପାନୀୟଜଳ ସାଙ୍ଗକୁ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ଉତ୍ତମ ସ୍ଥାନ କିମ୍ବା କୌଣସି ହଲ ନାହିଁ। ଏସବୁ ସମସ୍ୟା ନେଇ କଳାହାଣ୍ଡି ଉତ୍ସବ ଘୁମୁରା ପାଳନ ହେଉଥିବା ମଞ୍ଚରେ ଏକ କ୍ଷୁଦ୍ର ନାଟକ ମାଧ୍ୟମରେ ଉପସ୍ଥାପନ କରିଥିଲେ ଶିକ୍ଷକ, ଛାତ୍ରୀଛାତ୍ର ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ। ବ୍ଲକ ସଦରସ୍ଥିତ ବାବା ଖଣ୍ଡୁଆଳ ଖେଳ ପଡ଼ିଆରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଯାପନୀ ଦିବସରେ ବିଡ଼ିଓ ଧ୍ରୁବ ଚରଣ ମୁଦୁଲି, ତହସିଲଦାର ନିରୋଜ କୁମାର ଭଦ୍ରା, ବ୍ଲକ ଶିକ୍ଷାଧିକାରିଣୀ ପ୍ରଭାତୀ ନଳିଣୀ ଠାକୁର, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ, ଉପାଧ୍ୟକ୍ଷ ଜୟନ୍ତୀ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷକ ନାଗେଶ୍ୱର ନାଏକ, ଶିକ୍ଷକ ଅଜିତ କୁମାର ଦୁର୍ଗା, ଶିକ୍ଷକ ଗଣେଶ୍ୱର ନାଏକ, ସମାଜସେବୀ ମାଣିକ୍ୟ ଚନ୍ଦ୍ର ନାଏକ, ସମାଜସେବୀ କୃଷ୍ଣ ଚନ୍ଦ୍ର ନାଏକ ଓ ଛାତ୍ରୀଛାତ୍ର ମିଶି କ୍ଷୁଦ୍ର ନାଟକ ମାଧ୍ୟମରେ ସ୍କୁଲର ସମସ୍ୟା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ସଂକ୍ଷେପରେ

### ଅସହାୟ ବୃଦ୍ଧଙ୍କ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

ହରଭଙ୍ଗା,୧୦।୧(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଝାଡରାଜିଙ୍ଗ ସ୍ଥିତ ବୃଦ୍ଧାଶ୍ରମର ଅନ୍ତେବାସୀ ସୁରେଶ କୁମାର ସିଂ( ୭୦ )ଙ୍କ ଗୁରୁବାର ସକାଳେ ପରଲୋକ ଘଟିଛି । ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ତାଙ୍କ ମୃତଦେହ ସତ୍କାର ପାଇଁ ବୃଦ୍ଧାଶ୍ରମର କାର୍ଯ୍ୟକର୍ତ୍ତା ବୌଦ୍ଧର ଶ୍ରୀ ରାମଲୀଳା ନାଟ୍ୟ ସଂସଦର ସହଯୋଗ ଲୋଡିଥିଲେ । ସଂସଦର ସ୍ୱେଚ୍ଛାସେବୀଙ୍କ ସହଯୋଗରେ ବୌଦ୍ଧ ରାଜଘାଟ ଠାରେ ଅନ୍ତିମ ସତ୍କାର କରାଯାଇଥିଲା। ଏହି ସମୟରେ ସଂସଦର କାର୍ଯ୍ୟକାରୀ ସଭାପତି ଜୟନାରାୟଣ ମହାନ୍ତି, ସଦସ୍ୟ ବିଦ୍ୟାଧର ପ୍ରଧାନ, ସନ୍ତୋଷ ସାହୁ, ଗିତେଶ ମହାପାତ୍ର ଓ ବୃଦ୍ଧାଶ୍ରମର କାର୍ଯ୍ୟକର୍ତ୍ତା ସନ୍ତୋଷ କୁମାର ରାଉତ ଉପସ୍ଥିତ ଥିଲେ।

### ବୌଦ୍ଧ ଜଗନ୍ନାଥ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ବୌଦ୍ଧ,୧୦।୧(ଅଜିତ କୁମାର ବାରିକ୍)

ବୌଦ୍ଧ ସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ଚୋରି ହୋଇଛି। ଗୁରୁବାର ରାତିରେ ଚୋରମାନେ ମନ୍ଦିରର ତାଲା ଭାଙ୍ଗି ଭିତରେ ପଶିଥିଲେ। ଠାକୁରଙ୍କ ମୂଲ୍ୟବାନ ଅଳଙ୍କାର ସବୁ ଜିଲା ପ୍ରଶାସନର ହେପାଜତରେ ସରକାରୀ ଟ୍ରେଜେରିରେ ରହୁଥିବାରୁ ଏହାକୁ ଚୋରି କରି ପାରି ନ ଥିବା ବେଳେ ଚୋର ମନ୍ଦିର ହୁଣ୍ଡି ଭାଙ୍ଗି ସମସ୍ତ ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଛନ୍ତି । ମନ୍ଦିରର ପୂଜକ ମନ୍ଦିର ପରିସରରେ ଶୋଉଥିଲେ ମଧ୍ୟ ଏ ସମ୍ପର୍କରେ କୌଣସି ଟେର୍ ପାଇପାରି ନ ଥିଲେ। ପ୍ରତ୍ୟୁଷରୁ ମନ୍ଦିର କବାଟ ଖୋଲା ଥିବା ଏବଂ ତାଲା କଟାଯାଇଥିବା ସେବକ ବିଜୟ କୁମାର ମିଶ୍ର ଦେଖି ପୂଜକ ଓ ସ୍ଥାନୀୟ ଲୋକଙ୍କୁ ସୂଚନା ଦେଇଥିଲେ। ଖବର ପାଇ ମନ୍ଦିର ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଓ ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ କୁମାର ମୁନି ପ୍ରମୁଖ ମନ୍ଦିରରେ ପହଞ୍ଚି ଥିଲେ। ମନ୍ଦିର ପାଖରେ କୌଣସି ସିସି ଟିଭି ଲାଗିନଥିବାରୁ ତାହା ଚୋରମାନଙ୍କୁ ସୁହାଇଥିଲା। ପୋଲିସ ପକ୍ଷରୁ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ମନ୍ଦିର ମଧ୍ୟରେ ତଦନ୍ତ କରାଯାଇଥିଲା। ଏନେଇ ବୌଦ୍ଧ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ବାରମ୍ବାର ମନ୍ଦିରଗୁଡିକରୁ ହୁଣ୍ଡି ଭାଙ୍ଗି ଚୋରି ହେଉଥିବା ବେଳେ ଚୋରଙ୍କ ସମ୍ପର୍କରେ ପୋଲିସ କୌଣସି ଟେର୍ ପାଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

### ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବୌଦ୍ଧ,୧୦।୧(ଅଜିତ କୁମାର ବାରିକ୍)

ଓଡିଶା ଅଙ୍ଗନବାଡି ମହିଳା କର୍ମୀ ସଂଘ ବୌଦ୍ଧ ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବର୍ତ୍ତମାନ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଘଟିଛି। ଏହାଛଡା ଅଣ୍ଡାର ମୂଲ୍ୟ ୮ ଟଙ୍କା ହୋଇଥିବା ବେଳେ ସରକାର ଦେଉଛନ୍ତି ୫ ଟଙ୍କା ୯୦ ପଇସା। ଫଳରେ ଅଙ୍ଗନବାଡି ପରିଚାଳନାରେ ନା ନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ଏହାର ସୁବିଚାର କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।






ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି(ବାମ), ପୁରୀ ମାଲଖମ୍ଭ ଫତେ ଫାଇଟରସ୍ ମାଲଖମ୍ଭ ଗ୍ରୁପ୍‌ର କଳାକାରମାନେ କଳାକୌଶଳ ପ୍ରଦର୍ଶନ କରୁଛନ୍ତି ।

# ସୁବର୍ଣ୍ଣ ଲୋକ ମହୋତ୍ସବ ଉଦ୍‌ଯାପିତ
# ମହୋତ୍ସବ ହେଉଛି ଭାବର ବନ୍ଧନ



ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ।

ସୋନପୁର,୧୦।୧(ମୃତ୍ୟୁଞ୍ଜୟ ଶତପଥୀ)

ଦୀର୍ଘ ୫ ଦିନ ଧରି ସୁବର୍ଣ୍ଣପୁର ସହରର ରାମେଶ୍ୱର ଷ୍ଟାଡିୟମରେ ଚାଲିଥିବା ସୁବର୍ଣ୍ଣ ଲୋକ ମହୋତ୍ସବ ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଏସ୍‌ପି ରାମ ପ୍ରସାଦ ସାହୁ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ ଯୋଗ ଦେଇଥିଲେ। ଜିଲାପାଳ କହିଥିଲେ, ଲୋକକଳା ଓ ଲୋକସଂସ୍କୃତି ଆମର ଗର୍ବ। ମହୋତ୍ସବ ହେଉଛି ଭାବର ବନ୍ଧନ। ସୁବର୍ଣ୍ଣପୁରର ମାଟି ସଂସ୍କୃତିର ମାଟି। ପୁରାତନ ସଂସ୍କୃତିର ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସ୍ୱର୍ଗତ ଫକୀର ପଟ୍ଟନାୟକ ଏ ମାଟିର ଗର୍ବ ବୋଲି ଅନ୍ୟ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ସଭା ମଞ୍ଚକୁ ପୂର୍ଣ୍ଣଚନ୍ଦ୍ର ପାଢୀ ପରିଚାଳନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ଓଡିଶୀ, ସମ୍ବଲପୁରୀ, ଜାମୁଡାଲି, ଫେଶନ ସୋ, କରମସାନୀ ନୃତ୍ୟ ଏବଂ ମଣିପୁର ଓ ହରିୟାନାର ଲୋକ ନୃତ୍ୟ ତଥା ପୁରୀ ମାଲଖମ୍ଭ ଫତେ ଫାଇଟସ୍‌ର କଳା ପ୍ରଦର୍ଶନରେ ଦର୍ଶକ ଝୁମିଥିଲେ। ବିନିକା ବ୍ଲକ କଳା ସଂସ୍କୃତି ସଂଘର ସମ୍ବଲପୁରୀ ନୃତ୍ୟରୁ ସାଂସ୍କୃତିକ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ତରଭା ରୁପଶ୍ରୀ କଳା ପରିଷଦର ସମ୍ବଲପୁରୀ, ହରିୟାନାର କଳାକାରଙ୍କ ଲୋକନୃତ୍ୟ, ମଣିପୁରର କଳାକାରଙ୍କ ଲୋକନୃତ୍ୟ, ସୋନପୁର ପଏଁରୀ ଅନୁଷ୍ଠାନର ଜାମୁଡାଲି, ପୁରୀ ମାଲଖମ୍ଭ ଗ୍ରୁପ୍‌ର କଳା ପ୍ରଦର୍ଶନ ଓ ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀମାନେ ଓଡିଶୀ ଦଶବତାର ନୃତ୍ୟ ପରିବେଷଣ କରିଥିଲେ। ସମ୍ବଲପୁରୀ ବାଦ୍ୟ, ଢୋଲ, ନିଶାନ ଓ ତାସାରେ ମଞ୍ଚ ଦୁଲୁକି ଉଠିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ମାନଭଞ୍ଜନ ମିଶ୍ର, ଅବିନାଶ ହୋତା, ଦେବାଶିଷ ପଟ୍ଟନାୟକ, ତନିଶା ଅଗ୍ରୱାଲ, ସସ୍ମିତା ପରମଗୁରୁ, ପ୍ରିତି ପ୍ରତ୍ୟାଶା ପାଣିଗ୍ରାହୀ ଓ ରୁବି ବେହେରା ମଞ୍ଚ ପରିଚାଳନା କରିଥିଲେ।

### ଲୋକ ମହୋତ୍ସବରେ ମେଲୋଡି, ର୍‍ୟାମ୍ପ ଶୋ

ଲୁପ୍ତପ୍ରାୟ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଲୋକ ମହୋତ୍ସବ ଆୟୋଜିତ ହେଉଛି। ଏହି ମହୋତ୍ସବରେ ପାରମ୍ପରିକ ଲୋକସଙ୍ଗୀତ ଓ ଲୋକନୃତ୍ୟର ପ୍ରଚାରପ୍ରସାର ପାଇଁ ଉଦ୍ୟମ ହୋଇଥାଏ। ରାଜ୍ୟସରକାର ଏଥିପାଇଁ ଅନୁଦାନ ଯୋଗାଇ ଦେଇଥାନ୍ତି। ତେବେ ସୁବର୍ଣ୍ଣ ଲୋକ ମହୋତ୍ସବ ତାର ମୂଳ ଲକ୍ଷ୍ୟରୁ ଦୂରେଇ ଯାଇଥିବା ସଂସ୍କୃତି ପ୍ରେମୀମାନେ ଅଭିଯୋଗ କରିଛନ୍ତି। ଲୋକ ମହୋତ୍ସବରେ ପ୍ରତ୍ୟେକ ନୃତ୍ୟ ଦଳ ମଞ୍ଚରେ ବାଦ୍ୟଯନ୍ତ୍ର ବଜାଇ ଗୀତ ଗାଇବା ବାଧ୍ୟତାମୂଳକ। କିନ୍ତୁ ଚଳିତଥର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ମଞ୍ଚରେ ମେଲୋଡି, ର୍‍ୟାମ୍ପ ସୋ ଓ ରେକର୍ଡ ଡ୍ୟାନ୍ସକୁ ଅନୁମତି ମିଳିଲା। ଶୁକ୍ରବାର ଉଦ୍‌ଯାପନୀ ଦିବସରେ ମେଲୋଡି ପରିବେଷଣ ସହ ର୍‍ୟାମ୍ପ ସୋ ଆୟୋଜିତ ହେଲା। ସେହିପରି ଗୁରୁବାର ମେଲୋଡି ଓ ବୁଧବାର ରେକର୍ଡ ଗୀତର ତାଳେ ତାଳେ ଏକ ଦଳ ନୃତ୍ୟ ପରିବେଷଣ କଲେ। ଏହା ଦେଖି ସଂସ୍କୃତି ପ୍ରେମୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହି ଉତ୍ସବ ଦିନକୁ ଦିନ ତାର ଚମକ ହରାଉଛି। ବାବୁଗିରି ପାଇଁ ଆଗଭଳି ଲୋକଙ୍କ ମଧ୍ୟରେ ଆଉ ଉତ୍ସାହ ନାହିଁ ବୋଲି ଆଲୋଚନା ହେଉଛି।

## ବୀରମହାରାଜପୁର ଅଞ୍ଚଳରୁ ହେଉଛି ବେଆଇନ ଖଣି ଖନନ

ଅମରପାଲି,୧୦।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ବ୍ୟାପକ ଖଣି ଲୁଟ ହେଉଥିବା ଅଭିଯୋଗ ହୋଇଛି। ଏଥିରେ ଖଣି ଅଧିକାରୀଙ୍କ ଭୂମିକା ସନ୍ଦେହରେ ଥିବା ଅଭିଯୋଗ ହୋଇଛି। ଏନେଇ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଉପଖଣ୍ଡିୟ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀରେ ବିଜେଡି ଅଭିଯୋଗ କରିଛି। ସୁବର୍ଣ୍ଣପୁର ବିଜେଡି ଜିଲାଉପ ସଭାପତି କିଶୋର ହୋତା ଏନେଇ ଖବରଦାତା ସମ୍ମିଳନୀରେ ବୀରମହାରାଜପୁରର ବହଲପଦର, ଖାଇରମାଲ ଅଞ୍ଚଳରେ ବ୍ୟାପକ ଖଣି ଲୁଟ ହେଉଥିବା ଅଭିଯୋଗ କରିଛନ୍ତି। ମାତ୍ର ମାଇନିଙ୍ଗ ଅଧିକାରୀ ନୀରବଦ୍ରଷ୍ଟା ସାଜିଥିବା ସେ ଅଭିଯୋଗ କରିଛନ୍ତି। ଗତ ଦୁଇ ଦିନ ତଳେ ବେଆଇନ ଖଣି ଲୁଟକୁ ଚଢ଼ାଉ କରି ଚେନ ମାଉଣ୍ଟିଂକୁ ଜବତ କରିଥିବାବେଳେ ସେହି ଗାଡ଼ି କୁଆଡେ ଗଲା ତାହା ସ୍ପଷ୍ଟ କରିନାହାନ୍ତି ଖଣି ଅଧିକାରୀ ବୋଲି ସେ ପ୍ରକାଶ କରିଛନ୍ତି। ଫଳରେ ଅଞ୍ଚଳର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର। ତେବେ ତୁରନ୍ତ ସମ୍ପୃକ୍ତ ବେଆଇନ ଖଣି ଖନନକୁ ବନ୍ଦ କରିବା ସହ ଖଣି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଖବର ଲେଖା ଯିବା ବେଳକୁ ଜବତ ଗାଡିକୁ ଜଣେ ବ୍ୟକ୍ତିଙ୍କ ପାଖରେ ଖଣି ବିଭାଗ ଜିମା ଦେଇଥିବା ଜଣାପଡ଼ିଛି।

## ଖଣ୍ଡହତାକୁ ହରାଇ ଉଫୁଲା ସେମିଫାଇନାଲରେ

ଅମରପାଲି,୧୦।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ବିଶାଳପାଲି ସ୍କୁଲ ଖେଳପଡିଆରେ ବିଶାଳପାଲି, ପାତ୍ରପାଲି ଓ ଚିଙ୍ଗିରାନାଲିର ମିଳିତ ଆନୁକୂଲ୍ୟରେ ହେଉଥିବା ୧୧ତମ ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ତୃତୀୟ ଦିବସ। ଶୁକ୍ରବାର ପ୍ରଥମ ମ୍ୟାଚ ଖଣ୍ଡହତା ଓ ତ୍ରିବଣପୁର ମଧ୍ୟରେ ହୋଇଥିଲା। ଏଥିରେ ଖଣ୍ଡହତା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ସମସ୍ତ ଉଇକେଟ ହରାଇ ୭୮ ରନ କରିଥିଲା। ଜବାବରେ ତ୍ରିବଣପୁର ଦଳ ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ହରାଇ ୬୩ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଡଙ୍ଗାପାଳ



ଉଫୁଲାର ରାଜକୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରୁଛନ୍ତି।

ଓ ଉଫୁଲା ମଧ୍ୟରେ ହେବାର ଥିଲା। ମାତ୍ର ଡଙ୍ଗାପାଳ ଦଳ ଅନୁପସ୍ଥିତ ରହିବାରୁ ଉଫୁଲାକୁ ବିଜୟୀ ଘୋଷଣା କରାଗଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଖଣ୍ଡହତା ଓ ଉଫୁଲା ମଧ୍ୟରେ ହୋଇଥିଲା। ଏଥିରେ ଖଣ୍ଡହତା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୧୧ରନ କରିଥିଲା। ଜବାବରେ ଉଫୁଲା ଦଳ ୯ ଓଭରରେ ୫ ଉଇକେଟ ହରାଇ ୧୧୨ରନ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷକ ପ୍ରାଣବନ୍ଧୁ ସାହୁ ଅତିଥି ଭାବେ ଯୋଗଦେଇ ଉଫୁଲା ଦଳର ରାଜକୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚଗୁଡିକରେ ଲିଙ୍କନ ପ୍ରଧାନ, ସୁବ୍ରତ ଧଳ, ରଞ୍ଜିତ ପ୍ରଧାନ ଓ ଚନ୍ଦନ ପ୍ରଧାନ ଅମ୍ପାୟାର,ଚନ୍ଦନ ପଧାନ, ଅଶୋକ ପଧାନ ସ୍କୋରିଙ୍ଗ ଏବଂ ଖିରୋଦ ପଧାନ ଧାରାବିବରଣୀ ପ୍ରଦାନ କରିଥିଲେ।

## ବୌଦ୍ଧରେ ଜିଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ



ପ୍ରବାସୀ ଭାରତୀୟ ଦିବସରେ ମଞ୍ଚାସୀନ ଅତିଥି ।

ବୌଦ୍ଧ,୧୦।୧(ଅଜିତ କୁମାର ବାରିକ୍)

ବୌଦ୍ଧ ଜିଲା ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ସ୍ଥାନୀୟ ଟାଉନହଲଠାରେ ଶୁକ୍ରବାର ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଓ ସମ୍ମାନିତ ଅତିଥି ଭାବରେ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା, କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନୋଜ କୁମାର ସେଠୀ,ଜିଲା ଶୈକ୍ଷିକ ସଂଯୋଜକ ଶିବ ଶଙ୍କର ଶତପଥୀ,ଉପେନ୍ଦ୍ର କୁମାର ପ୍ରଧାନ ଓ ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବରେ ବୌଦ୍ଧ ବିଧାୟକ ପ୍ରତିନିଧି ଧର୍ମୁଧର ପୋଢ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଅଧ୍ୟକ୍ଷତା କରିଥିଲେ। ଅତିଥିମାନେ ଦେଶର ଆର୍ଥିକ ପ୍ରଗତିରେ ପ୍ରବାସୀ ଭାରତୀୟମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବୌଦ୍ଧ ଅତରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ଓ ଶିକ୍ଷକ ସନ୍ତୋଷ କର୍ଣ୍ଣ ମଞ୍ଚ ପରିଚାଳନା କରିଥିଲେ।

## ଷଷ୍ଠ ଖଡ଼ଙ୍ଗ ଲୋକ ମହୋତ୍ସବ ଉଦ୍‌ଘାଟିତ

ଖୁଣ୍ଟିଗୋରା,୧୦।୧(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ବନ୍ଧଗୋରା ଖଡଙ୍ଗ ନଦୀ କୂଳରେ ଷଷ୍ଠ ଖଡ଼ଙ୍ଗ ଲୋକ ମହୋତ୍ସବ ଗୁରୁବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଅନୁଷ୍ଠିତ କଂସ ଦରବାରରେ ପୂର୍ବତନ ବିଧାୟକ ମହୀଧର ରଣା ରାଜକୀୟ ମୁଖ୍ୟଅତିଥି, ଶିକ୍ଷାବିତ କାର୍ତ୍ତିକେଶ୍ୱର ବେହେରା, ମିଳିତ ଶିକ୍ଷକ ସଂଘ ସଭାପତି ନୀଳାଞ୍ଚଳ ଭୋଇ, କଣ୍ଟାମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ସମାଜସେବୀ ଦେବେନ୍ଦ୍ର କୁଦେଇ, ଆଦିବାସୀ ନେତା ପୀତାମ୍ବର ଭୋଇ, ଖୁଣ୍ଟିଗୋରା ମୁଖିଆ ନରେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯେଉଁ ଅଞ୍ଚଳର ଲୋକ କଳା, ଲୋକ ସଂସ୍କୃତି ଯେତେ ସମୃଦ୍ଧ ସେହି ଅଞ୍ଚଳ ସେତେ ବିକଶିତ ବୋଲି ମତ ଦେଇଥିଲେ। ମହୋତ୍ସବରେ କମିଟି ସଭାପତି ମନୋଜ ଦାଶ ସଭାପତିତ୍ୱ କରିଥିଲେ। ପ୍ରଶାନ୍ତ ରଣା


ଉଦ୍‌ଘାଟନୀ ଉତ୍ସବରେ ଅତିଥିବୃନ୍ଦ।

ମଞ୍ଚ ପରିଚାଳନା କରିଥିଲେ। ସଭା ପରେ ପାର୍ବତୀ ଡ୍ୟାନ୍ସ ଗ୍ରୁପ ଭୁବନେଶ୍ୱର, ଆଦିବାସୀ ନୃତ୍ୟ ଗଣ୍ଡାବାହାଲ ଓ ଜଳିଉଡ କଳାକାର ରାଣୀ ପଣ୍ଡା ନୃତ୍ୟ ପରିବେଷଣ କରିଥିଲେ। ପରେ ପଶ୍ଚିମ ଓଡ଼ିଶାର ଜଣାଶୁଣା କଳାକାର ସୁଶିଲ ମେହେରଙ୍କ ଦଳ ପକ୍ଷରୁ କଂସ ଦରବାର ଅନୁଷ୍ଠିତ ହୋଇଥିଲା। ଉଗ୍ରସେନ ରାଜତ୍ୱ, ଦେବକୀ ବସୁଦେବ ବିବାହ, କଂସର ସିଂହାସନ ଆରୋହଣ, ଦେବକୀ ବସୁଦେବ କାରାଗାରରେ ବନ୍ଦୀ ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ମନଭରି ଉପଭୋଗ କରିଥିଲେ। ମହୋତ୍ସବ କମିଟି ଆବାହକ ଧିରୋଜ ଭୋଇ, ସମ୍ପାଦକ ଭକ୍ତ ସାହୁ, ସମସ୍ତ ସଦସ୍ୟ, ଅଞ୍ଚଳବାସୀ, ସମାଜସେବୀ, ଅଗ୍ନିଶମ ବିଭାଗ, ପୋଲିସ ବିଭାଗ ଶାନ୍ତିଶୃଙ୍ଖଳା ପାଇଁ ସହଯୋଗ କରିଥିଲେ।

## ଡାକସେବକଙ୍କୁ ଆକ୍ରମଣ, ଥାନାରେ ଏତଲା

**ରାଉରକେଲା,୧୦।୧(ସଙ୍ଗୀତା ଜେନା):** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଆଇଡିସିରେ ଥିବା ଏକ ଆଇରନ ଫ୍ୟାକ୍ଟ୍ରିକୁ ଚିଠି ଦେବାକୁ ଯାଇଥିବା ଡାକସେବକଙ୍କୁ ଫେରିବା ବାଟରେ ଉକ୍ତ ଫ୍ୟାକ୍ଟ୍ରିର ଜଣେ କର୍ମଚାରୀ ଆକ୍ରମଣ କରିଥିବା ସୂଚନା ମିଳିଛି। ଏଥିରେ ରକ୍ତାକ୍ତ ଅବସ୍ଥାରେ ଡାକସେବକ ଥାନାରେ ପହଞ୍ଚି ଏତଲା ଦେଇଛନ୍ତି। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ (ରାତି ୯ଟା) କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବାସନ୍ତୀ କଲୋନୀର ଜଣେ ବ୍ୟକ୍ତି (୬୫) କଲୁଙ୍ଗାରେ ଡାକସେବକ ଭାବେ କାର୍ଯ୍ୟରତ। ସେ ଶୁକ୍ରବାର ସକାଳେ ଏକ ଆଇରନ ଫ୍ୟାକ୍ଟ୍ରିକୁ ଜରୁରୀ ଚିଠି ନେଇ ଯାଇଥିଲେ। ସେଠାରେ ଆଇରନ ଫ୍ୟାକ୍ଟ୍ରିର ଜଣେ କର୍ମଚାରୀ ତାଙ୍କୁ ଚିଠିଗୁଡ଼ିକ ଦେବାକୁ ବାଧ୍ୟ କରିଥିଲେ। ହେଲେ ଡାକସେବକ ଚିଠି ଦେବାକୁ ଅମଙ୍ଗ ହେବାରୁ ଫେରିବା ସମୟରେ ଆକ୍ରମଣର ଶିକାର ହୋଇଥିଲେ।

# ରକ୍ଷଣାବେକ୍ଷଣ ଅଭାବ, ଷ୍ଟାଫ୍ କ୍ୱାର୍ଟର୍ସ ଭୂତକୋଠି

**ରାଉରକେଲା,୧୦।୧(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ତରକେରାଠାରେ ରହିଥିବା ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିଃ (ଓପିଟିସିଏଲ)ର ମୁଖ୍ୟ କାର୍ଯ୍ୟାଳୟରେ ଭିତ୍ତିଭୂମି ଅଭାବ ଯୋଗୁ ବିଦ୍ୟୁତ୍ ସେବା ପ୍ରଦାନରେ ସମସ୍ୟା ହେଉଛି। ଏହି କାର୍ଯ୍ୟାଳୟ ଅଧୀନରେ ୬ଟି ବିଦ୍ୟୁତ୍ ଗ୍ରୀଡ୍ ପରିଚାଳିତ ହେଉଥିବା ବେଳେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ସେହିପରି କାର୍ଯ୍ୟାଳୟ ପରିସରରେ ଥିବା ଷ୍ଟାଫ୍ କ୍ୱାର୍ଟର୍ସଗୁଡିକର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ସେଗୁଡିକ ଭୂତକୋଠି ହୋଇ ପଡିଛି।

୧୯୮୨ରେ ଉକ୍ତ କାର୍ଯ୍ୟାଳୟ ସ୍ଥାପନ ପାଇଁ ବିଭାଗକୁ ୫୦ ଏକର ଜମି ହସ୍ତାନ୍ତର ହୋଇଥିବା ବେଳେ ୨୦୨୦ରେ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲା। ବିଦ୍ୟୁତ୍ ଶକ୍ତି ସଂରକ୍ଷଣ ଜନିତ ହାଇଭୋଲ୍‌ଟେଜ ଟ୍ରାନ୍ସମିଶନ ନେଟୱର୍କ ପରିଚାଳନା ସହ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ



ପରିତ୍ୟକ୍ତ ଅବସ୍ଥାରେ ବିଭାଗୀୟ କୋଠାବାଡି।

ସୁରକ୍ଷିତ ସେବା ପ୍ରଦାନ କରିବା, ନୂତନ ହାଇଭୋଲ୍‌ଟେଜ ଟ୍ରାନ୍ସମିଶନ ଲାଇନ ନିର୍ମାଣ, ନୂତନ ସବ୍‌ଷ୍ଟେଶନ ସ୍ଥାପନ ସହ ଟ୍ରାନ୍ସମିଶନ ଭିତ୍ତିଭୂମି ସୁଦୃଢ ପାଇଁ ଏହି କାର୍ଯ୍ୟାଳୟ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ଏହା ଅଧୀନରେ ସୁନ୍ଦରଗଡ ସମେତ ରାଉରକେଲା, ତରକେରା, ଛେଣ୍ଡ, କଲୁଙ୍ଗା, ରାଜଗାଙ୍ଗପୁର ଆଦି ୬ଟି ବିଦ୍ୟୁତ୍ ଗ୍ରୀଡ୍ ପରିଚାଳିତ ହେଉଛି। ତେବେ ଏହି କାର୍ଯ୍ୟାଳୟର ଭିତ୍ତିଭୂମି ସୁଦୃଢୀକରଣ ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି।

ତରକେରାସ୍ଥିତ ଓପିଟିସିଏଲ ମୁଖ୍ୟ କାର୍ଯ୍ୟାଳୟ ଚତୁଃପାର୍ଶ୍ୱରେ ବହୁ ଦିନରୁ ସରକାରଙ୍କ ତରଫରୁ ୨୫ରୁ ଉର୍ଦ୍ଧ୍ୱ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ କ୍ୱାର୍ଟର୍ସ ରହିଛି। ମାତ୍ର ସେଗୁଡିକର ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। କୋଠାଗୁଡିକ ଦୀର୍ଘବର୍ଷ ହେଲାଣି ପରିତ୍ୟକ୍ତ ଅବସ୍ଥାରେ ଥିବାବେଳେ ଏଠାରେ କିଛିଜଣ କୁଲି ମଜୁରିଆ ବସବାସ କରୁଛନ୍ତି। ଅନ୍ୟପଟେ ୬ଟି ଗ୍ରୀଡ୍ ସହିତ ବିଭାଗୀୟ ସମସ୍ତ କାର୍ଯ୍ୟ ସୁପରିଚାଳନା ଲାଗି ଶହେରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ଆବଶ୍ୟକ ରହିଥିବାବେଳେ କେବଳ ୫୨ଜଣ କର୍ମଚାରୀ ରହିଛନ୍ତି। ଏ ଦିଗରେ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହେଉଛି। ଏ ନେଇ ରାଉରକେଲା ଓପିଟିସିଏଲ୍‌ର ଜିଏମ୍ ଦିଲୀପ ମହନ୍ତଙ୍କୁ ପଚାରିବାରୁ ସେ କହିଲେ, ଖୁବ୍‌ଶୀଘ୍ର ଆମ କାର୍ଯ୍ୟାଳୟ ଚତୁଃପାର୍ଶ୍ୱରେ ଥିବା କୋଠାବାଡି ଭିତ୍ତିଭୂମି ସୁଦୃଢୀକରଣ ହେବ। ଏ ସମ୍ପର୍କରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଅବଗତ ଅଛନ୍ତି। ଦିନକୁ ଦିନ ରାଉରକେଲା ସହର ବିକଶିତ ହେଉଛି। ଏଣୁ ଆଗକୁ ସମସ୍ତ କ୍ଷେତ୍ରରେ ଆମ ବିଭାଗ ବିକଶିତ ହେବ ବୋଲି ମହନ୍ତ କହିଥିଲେ।

## ୧୮ରୁ ଉଦ୍ୟାନକୃଷି ପ୍ରଦର୍ଶନୀ

**ରାଉରକେଲା,୧୦।୧(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ଆସନ୍ତା ୧୮ ଓ ୧୯ ତାରିଖ ଦୁଇଦିନ ଧରି ସେକ୍ଟର-୮ସ୍ଥିତ ଜୁବୁଲି ପାର୍କଠାରେ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ ଆୟୋଜିତ ହେବ। ଏଥିରେ ଡିନର ବାଉଲ ଆରେଞ୍ଜମେଣ୍ଟ ଏବଂ ବେଷ୍ଟ ଆରେଞ୍ଜଡ ଫ୍ଲାୱାର ଭେସ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରଦର୍ଶନୀରେ କେବଳ ମହିଳା ଭାଗ ନେବେ। ବଟନ ହଲ, ପୁଷ୍ପଗୁଚ୍ଛ, ଫୁଲମାଳ(ଗୋଲାପ ବ୍ୟତୀତ) ଏବଂ ଫୁଲପତ୍ର ନିର୍ମିତ ମଡେଲ ଗୁଡିକ ଉପସ୍ଥାପନରେ ସମସ୍ତେ ଭାଗ ନେଇପାରିବେ। ଏହାସହ କଟ ଫ୍ଲାୱାର, ବିଭିନ୍ନ ରଙ୍ଗ ଓ କିସମର ସ୍ପେଶିମେନ ବୁଲମ ରୋଜ, ଯେ କୌଣସି ସମ୍ପୂର୍ଣ୍ଣ ଖୋଲା ଏର୍‌ଟି ରୋଜ କିସମ, ଏକକ ଷ୍ଟେମ ଇଣ୍ଡିଆନ ଫ୍ଲୋରିବୁଣ୍ଡା ରୋଜ, ୩କିସମ ଇଣ୍ଡିଆନ ଫ୍ଲୋରିବୁଣ୍ଡା ରୋଜ ଏବଂ ୨ଷ୍ଟେମ ମନିଏଚର/ପଲିଏଣ୍ଟା ସହ ବିବିଧ କିସମ ରୋଜ ବର୍ଗରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଚନ୍ଦ୍ରମଲ୍ଲିକା, ଡାଲିଆ, ଡାଏନ୍ଥସ, ସ୍ୱିଟ ପିଜ, ଲ୍ୟୁପିନ, ଆଣ୍ଟିରିୟମ, କାର୍ନେସନ, କ୍ୟାଲେଣ୍ଡୁଲା, ଫ୍ଲକ୍ସ, ଜରବେରା, ମେରିଗୋଲ୍ଡ, ଆଷ୍ଟର, ସାଲଭିଆ, କ୍ୟାଣ୍ଡିଟୁଫ୍ଟ ଏବଂ ଏକକ ଷ୍ଟେମ, ସ୍ପାଇକ ପାଇଁ ମଧ୍ୟ ପୃଥକ ପ୍ରତିଯୋଗିତା ରହିବ। ଫୁଲକୁଣ୍ଡ ବର୍ଗ ଗୁଡିକରେ ଚନ୍ଦ୍ରମଲ୍ଲିକା, ଫୋଲୋଏଜ, ୪ ବିଭିନ୍ନ ପ୍ରଜାତି ବାରମାସୀ ଫୁଲ, ଡାଲିଆ, ରୋହ, ଜାରବେରା, ଆଫ୍ରିକୀୟ ଇନା ମାରିଗୋଲ୍ଡ ଏବଂ ବନସାଇ ପାଇଁ ବି ପ୍ରତିଯୋଗିତା ରହିଛି। ବଗିଚାରେ ରୁଚି ରଖୁଥିବା ଲୋକମାନଙ୍କ ପାଇଁ ପନିପରିବା ଓ ଫଳ ପ୍ରତିଯୋଗିତା କରାଯିବ। ଏହି ପ୍ରଦର୍ଶନୀରେ ଭାଗନେବା ପାଇଁ ସମସ୍ତ ଏଣ୍ଟ୍ରି ଜୁବୁଲି ପାର୍କ ପରିସରରେ ଜାନୁଆରୀ ୧୮ରେ ସକାଳ ୭ଟା ୩୦ରୁ ପୂର୍ବାହ୍ନ ୧୧ଟା ୩୦ମିନିଟ ମଧ୍ୟରେ ଗ୍ରହଣ କରାଯିବ। ଦର୍ଶକ ମାନଙ୍କ ପରିଦର୍ଶନ ପାଇଁ ଜାନୁଆରୀ ୧୮ତାରିଖ ଅପରାହ୍ନ ୪ଟାରୁ ରାତି ୯ଟା ଓ ୧୯ତାରିଖ ସକାଳ ୮ଟାରୁ ରାତି ୯ଟା ଯାଏ ଖୋଲା ରହିବ। ଏଥିସହ ୧୯ତାରିଖରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ରାଉରକେଲା,୧୦।୧(ଦିନେଶ ମିଶ୍ର)**

୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଜାତୀୟ ଉତ୍ସବ ପାଳନ କମିଟି ଅଧ୍ୟକ୍ଷ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଆଇଟିଡିଏ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଯୋଜନା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଉପସ୍ଥିତ ଥିଲେ। ଆସନ୍ତା ଜାନୁଆରୀ ୨୬ ତାରିଖ ସକାଳ ୮ଟା ୩୦ ମିନିଟ୍ ସମୟରେ ଉଦିତନଗର ପରେଡ୍ ପଡ଼ିଆରେ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଅଭିବାଦନ ଗ୍ରହଣ କରିବେ। ଉକ୍ତଦିନ ସକାଳୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୂନ୍ ଗାନ କରାଯିବ। ସକାଳ ୭ଟାରୁ ୭ଟା ୩୦ ମଧ୍ୟରେ ବିଭିନ୍ନ ବିଦ୍ୟାଳୟ ଓ ଅନୁଷ୍ଠାନଗୁଡ଼ିକରେ ଜାତୀୟ ପତାକା ଉତ୍ତୋଳନ କରାଯିବାକୁ ସ୍ଥିର ହୋଇଛି। ପରେଡରେ ପୋଲିସ ଓ ବେସାମରିକ ପ୍ରତିରକ୍ଷା ବାହିନୀ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସିଭିଲିଆନ ଦଳ, ସିନିୟର ଡିଭିଜନ ଓ ଜୁନିୟର ଡିଭିଜନ ଏନ୍‌ସିସି ଦଳ ଅଂଶଗ୍ରହଣ କରିବେ। ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଦେଶାତ୍ମବୋଧକ ସଙ୍ଗୀତ ଗାନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଶ୍ରେଷ୍ଠ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯିବ। ବୈଠକରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ବଣାଇଁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ, ବରିଷ୍ଠ ପୋଲିସ ଅଧିକାରୀ, ଅଗ୍ନିଶମ ବିଭାଗ ଅଧିକାରୀ ତଥା ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।




ପ୍ରସ୍ତୁତି ବୈଠକରେ ସୂଚନା ପ୍ରଦାନ କରାଯାଉଛି।

# ନାଟକ 'ନମସ୍ୟା ଶ୍ୟାମଳୀ' ମଞ୍ଚସ୍ଥ



ପରିବେଷିତ ନାଟକର ଏକ ଦୃଶ୍ୟ।

**ରାଉରକେଲା, ୧୦।୧(ସଙ୍ଗୀତା ଜେନା)**

### ଲୋକନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା

ରାଉରକେଲା ସିଭିକ୍ ସେଣ୍ଟରଠାରେ କଲଚରାଲ ଏକାଡ଼େମୀ ଆୟୋଜିତ ୩୭ତମ ଲୋକନାଟକ ମହୋତ୍ସବର ଶୁକ୍ରବାର ଥିଲା ଷଷ୍ଠ ସନ୍ଧ୍ୟା। ଏଥିରେ ସଭାପତି ପଶୁପତିନାଥ ଚାଟାର୍ଜୀଙ୍କ ପୌରୋହିତ୍ୟରେ ରାଉରକେଲା ଶ୍ରମିକ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ଏବଂ ଉପସଭାପତି ବିଷ୍ଣୁପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଷଷ୍ଠ ସନ୍ଧ୍ୟାରେ ପରିବେଷିତ ହୋଇଥିଲା ଭୁବନେଶ୍ୱର ପଞ୍ଚଧ୍ୱନି ନାଟ୍ୟସଂସ୍ଥାର ନାଟକ 'ନମସ୍ୟା ଶ୍ୟାମଳୀ'। ନଦୀ ମାନବ ସଭ୍ୟତାର ମୂଳପିଣ୍ଡ। ଭାରତ ବର୍ଷର ପ୍ରାୟ ଅଧିକାଂଶ ସହର ଓ ଗାଁ ନଦୀ କୂଳରେ ଅବସ୍ଥିତ। ମନୁଷ୍ୟ ବଞ୍ଚିବା ପାଇଁ ଅମ୍ଳଜାନ ଯେପରି ଏକାନ୍ତ ଅପରିହାର୍ଯ୍ୟ, ଜଳ ମଧ୍ୟ ଜୀବନର ପ୍ରତିକ୍ଷଣରେ ଆବଶ୍ୟକ। ଗ୍ରାମାଞ୍ଚଳ ଏବେ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ପାଇଁ ଆକର୍ଷଣୀୟ ବଜାର। ସେଥିପାଇଁ ସେମାନେ ଗ୍ରାମାଞ୍ଚଳ ଲୋକଙ୍କ ଆବେଗ ତଥା ପରିବେଶ ପ୍ରତି ଆଖି ବୁଜିଦେଇ ସେମାନଙ୍କ ମୁକ୍ତ ବାଣିଜ୍ୟ ସାମ୍ରାଜ୍ୟ ବିସ୍ତାର ଲକ୍ଷ୍ୟରେ ଅବ୍ୟବହୃତ ନଦୀ ଓ ନଦୀଶଯ୍ୟାକୁ ମଧ୍ୟ ବଡ଼ ବଡ଼ ବ୍ୟବସାୟିକ କେନ୍ଦ୍ରରେ ପରିଣତ କରିବା ପାଇଁ ପଶ୍ଚାତ୍‌ପଦ ହେଉନାହାନ୍ତି। ଏହିପରି ଏକ ଶ୍ୟାମଳୀ ନଦୀ ଅବବାହିକାରେ କାହାଣୀର ଉତ୍ପତ୍ତି ହୁଏ। ସେ ଅଞ୍ଚଳରେ ସ୍ୱଦେଶୀ ଚେତନା ଜାଗରଣ ମଞ୍ଚଟିଏ ମୁଣ୍ଡ ଟେକି ବସିଥିବା ତାଙ୍କର ମା' ସଦୃଶା ପରମ ଉପକାରୀ ଛୋଟ ଶ୍ୟାମଳୀ ନଦୀର ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡ଼େ। ଏହାହିଁ ଥିଲା ନାଟକର ସାରମର୍ମ। ପଞ୍ଚାନନ ଦାଶଙ୍କ ରଚିତ ନାଟକରେ ପ୍ରକାଶ ମହାରଣା ନିର୍ଦ୍ଦେଶନା ଦେଇଥିବାବେଳେ ମାନସ କୁମାର ପରିଡ଼ା ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ।

## ୨୨ରୁ ସାଇବାବାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ

**ରାଉରକେଲା,୧୦।୧(ଦିନେଶ ମିଶ୍ର)**

ଶିରିଡି ସାଇ ଆଶ୍ରିତ ସେବା ଟ୍ରଷ୍ଟ ପକ୍ଷରୁ ସେକ୍ଟର-୮ ସ୍ଥିତ ସାଇ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ହରିହର ରାଉତରାୟ ମନ୍ଦିର ଓ ସାଇବାବାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ସାଇବାବାଙ୍କ ପ୍ରାଣ ପ୍ରତିଷ୍ଠା ସହ ବିଭିନ୍ନ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହେବ। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ପ୍ରାଣ ପ୍ରତିଷ୍ଠା ଉତ୍ସବରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଅତିଥି ଭାବେ ଯୋଗ ଦେଉଥିବାବେଳେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଓ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିବେ। ଏହି ୩ ଦିନିଆ ପ୍ରତିଷ୍ଠା ଦିବସରେ ମହାରାଷ୍ଟ୍ର ସ୍ଥିତ ଶିରିଡି ସାଇ ମନ୍ଦିରର ୩୦ ଜଣ ପଣ୍ଡିତ ବାବାଙ୍କ ପ୍ରାଣ ପ୍ରତିଷ୍ଠା ଓ ହୋମଯଜ୍ଞ କରିବେ। ସନ୍ଧ୍ୟା ସମୟରେ ଶିରିଡି ସାଇ ମନ୍ଦିରର ମୁଖ୍ୟ ପୂଜକ ବାଲ ଜୋଷୀ ସାଇବାବାଙ୍କ ଜୀବନ ଲୀଳା ଉପରେ ପ୍ରବଚନ ପ୍ରଦାନ କରିବେ। ଏହାସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଶିରିଡି ସାଇ ଆଶ୍ରିତ ଟ୍ରଷ୍ଟ ସଭାପତି ସରୋଜ ଚନ୍ଦ୍ର ପରିଡା, ସମ୍ପାଦକ ଧନଞ୍ଜୟ ବିଶ୍ୱାଳ, ଭାଗ୍ୟଲତା ଜେନା, ବି.ଏନ୍. ଦାସ, ବିନୋଦ ପ୍ରଧାନ, ସୁଧାଂଶୁ ଶେଖର ନନ୍ଦୀ, ଅନିତା ବାରିକ, ଜ୍ୟୋତ୍ସ୍ନା ଦାସ, ନାରାୟଣ ନାୟକ, ତିଲକ ବାହାଦୂର, ଅଜିତ ସାହୁ, ବିଜୟ ପଣ୍ଡା, ମମତା ବେହେରା, ଜଗଦେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

## ନାବାଳିକା ବଳାତ୍କାରୀ ଗିରଫ

**ରାଉରକେଲା,୧୦।୧ (ସଙ୍ଗୀତା ଜେନା)**

ରଘୁନାଥପାଲୀ ଥାନା ଅଞ୍ଚଳରେ ଗୁରୁବାର ରାତିରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଆଧାର କରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ଉଭୟଙ୍କ ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏସ୍‌ଡ଼ିପିଓ ଉପାସନା ପାଢ଼ୀଙ୍କ କହିବା ଅନୁସାରେ ଉକ୍ତ ନାବାଳିକା(୪ବର୍ଷ)ଙ୍କୁ ତାଙ୍କ ଘର ପାଖରେ ଜଣେ ଯୁବକ ଅପହରଣ କରିନେଇ ବଳାତ୍କାର କରିଥିଲେ। ନାବାଳିକା ଘରକୁ ଫେରି ନିଜ ଅଭିଭାବକମାନଙ୍କୁ କହିବା ପରେ ଗୁରୁବାର ବିଳମ୍ବିତ ରାତିରେ ଥାନାରେ ଅଭିଯୋଗ ହୋଇଥିଲା।

# ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

**ରାଉରକେଲା,୧୦।୧(ବିପ୍ଳବ ରଞ୍ଜନ ଦାଶ)**

### ରାଉରକେଲା ପୋଲିସ ଜିଲା

ରାଉରକେଲା ପୋଲିସ୍ ଜିଲାରେ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ କରାଯାଇଛି। ପୋଲିସ ମୁଖ୍ୟାଳୟରେ ଥିବା ବିଜୟ କୁମାର ସିଂଙ୍କୁ ଛେଣ୍ଡ ଥାନାଧିକାରୀ ଭାବେ ବଦଳି କରାଯାଇଥିଲା ବେଳେ ଛେଣ୍ଡ ଥାନା ଅଧିକାରୀ ରଞ୍ଜନ କୁମାର ନାୟକଙ୍କୁ ସେକ୍ଟର-୧୯ ଥାନାକୁ ବଦଳି କରାଯାଇଛି। ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ଥିବା ଜ୍ୟୋତି ରଞ୍ଜନ ପତିଙ୍କୁ ବିଶ୍ରା ଥାନାଧିକାରୀ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ବିଶ୍ରା ଥାନା ଅଧିକାରୀ ପ୍ରଦୀପ କୁମାର ନାୟକଙ୍କୁ ଝିରପାଣି ଥାନାକୁ ବଦଳି କରାଯାଇଛି। ଝିରପାଣି ଥାନାଧିକାରୀ ରବିନ୍ଦ୍ର କୁମାର ସାହୁଙ୍କୁ ଟ୍ରାଫିକ ଇନ୍ସପେକ୍ଟର ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଲାଠିକଟା ଥାନାଧିକାରୀ ସବିତା ପାତ୍ରଙ୍କୁ ଚାନ୍ଦିପୋଷ ଥାନାକୁ ବଦଳି କରାଯାଇଥିଲା ବେଳେ ମହିଳା ଥାନାର ସ୍ୱର୍ଣ୍ଣମଣି ହେମ୍ରମଙ୍କୁ ଡିସିଆରବି, ସେକ୍ଟର-୧୯ ଥାନାଧିକାରୀ ସାଇପ୍ରଭା ରାଉତଙ୍କୁ ମହିଳା ଥାନାକୁ ବଦଳି ହୋଇଛି। ବ୍ରାହ୍ମଣୀ ତରଙ୍ଗ ଥାନାଧିକାରୀ କ୍ଷତିଶ ଚନ୍ଦ୍ର ପାତ୍ରଙ୍କୁ ସାଇବର ଥାନାକୁ ବଦଳି କରାଯାଇଛି। ପୋଲିସ୍ ମୁଖ୍ୟାଳୟରେ ଥିବା ଗଗନ ନାୟକଙ୍କୁ ବ୍ରାହ୍ମଣୀ ତରଙ୍ଗ ଥାନାକୁ ବଦଳି କରାଯାଇଛି।

## କ୍ରିକେଟ: ସେମିରେ ଡବ୍ଲ୍ୟୁଆଇସି ଦଳ

**ରାଉରକେଲା,୧୦।୧(ଦିନେଶ ମିଶ୍ର)**

ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ୟୁଥ୍ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ୧୮ତମ ପ୍ରକାଶ ସ୍ମାରକୀ ଅଲ ଓଡିଶା କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଶେଷ ହୋଇଛି। ଏହି ମ୍ୟାଚ୍ ଡବ୍ଲ୍ୟୁଆଇସି ଦଳ ଓ ଏଫ୍‌ଏସ୍‌ଏସିଏ ଚକ୍ରଧରପୁର ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ରାଉରକେଲା ଡବ୍ଲ୍ୟୁଆଇସି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୩୫ ଓଭରରେ ୧୦ ଉଇକେଟ ହରାଇ ୨୨୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଭାତ ଶୁକ୍ଳା ୯୦ ବଲ୍ ଖେଳି ସର୍ବାଧିକ ୬୭ ରନ୍ ସଂଗ୍ରହ କରିଥିଲେ। ଏହି ରନ୍ ଲକ୍ଷ୍ୟ ନେଇ ଚକ୍ରଧରପୁର ଦଳ ୨୮ ଓଭରରେ ମାତ୍ର ୧୧୫ ରନ କରି ଅଲ ଆଉଟ୍ ହୋଇ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଡବ୍ଲ୍ୟୁଆଇସି ଦଳ ପକ୍ଷରୁ ଅଙ୍କିତ କୁମାର ସିଂ ୬ ଓଭର ବୋଲିଂ କରି ମାତ୍ର ୧୫ ରନ ଦେଇ ସର୍ବାଧିକ ୬ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଶୁଭେନ୍ଦୁ ମହାପାତ୍ର ଓ ରାହୁଲ ଛତ୍ରୀ ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର ରାଉରକେଲା ସିଭିଲଚାର୍ଜର ଓ ସମ୍ବଲପୁର ରେଲୱେ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି କ୍ଲବର ଟ୍ରଷ୍ଟି ଶୁଭେନ୍ଦୁ ଧଳ ସୂଚନା ଦେଇଛନ୍ତି।

## ଉପଜିଲାପାଳଙ୍କ ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା,୧୦।୧(ସଙ୍ଗୀତା ଜେନା)**

ରାଜ୍ୟରେ କୃଷକ ଚେତାବନୀ ଦିବସ ପାଳନ ଅବସରରେ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଯୁକ୍ତ କୃଷକ ମୋର୍ଚ୍ଚା ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ବୋନସ ସହିତ ୩୧୦୦ ଟଙ୍କା ଘୋଷଣାକୁ ତୁରନ୍ତ କାର୍ଯ୍ୟକାରୀ କରିବା, ମୃତ କୃଷକ ପରିବାରକୁ ୨୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ଭାଗଚାଷୀମାନଙ୍କୁ କ୍ଷତିପୂରଣ ଦେବା, ରାଜ୍ୟବ୍ୟାପୀ ଆବଶ୍ୟକ ମଣ୍ଡି ଖୋଲିବା ଦାବି ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା କୃଷକ ସଭାର ଜିଲା ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସିଆଇଟିୟୁର ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ରାଜକିଶୋର ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ରାଜ୍ୟର ମୋହନ ମାଝି ସରକାରକୁ




ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ କୃଷକ ଚେତାବନୀ ଦିବସ

ସମାଲୋଚନା କରି କହିଥିଲେ, କୃଷକଙ୍କ ଦୁର୍ଦ୍ଦଶାର କଥା ନ ବୁଝି ପ୍ରବାସୀ ଭାରତୀୟ ସମ୍ମିଳନୀ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ଅତ୍ୟନ୍ତ ପରିତାପର ବିଷୟ। ଏଭଳି ଜନ ବିରୋଧୀ ସରକାର ବିରୁଦ୍ଧରେ ବ୍ୟାପକ ଜନ ଆନ୍ଦୋଳନ ସଙ୍ଗଠିତ ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ। ସିଆଇଟିୟୁ ନେତା ବି. ପି. ମହାପାତ୍ର, ଲକ୍ଷ୍ମୀଧର ନାୟକ, ପି. କେ. ମହାନ୍ତି, ବିଶ୍ୱଜିତ ମାଝୀ, ଜନ୍ମେଜୟ ଘୋଷ, କୃଷକ ନେତ୍ରୀ ବୁଦ୍ଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ୍, କୃଷକ ନେତା ରାଜୀବ ବସନ୍ତ ରାୟ, ରଜତ ମୁଣ୍ଡା, ପ୍ରମୋଦ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଥାନା, ଆର୍‌ଏମ୍‌ସିରେ ଅଭିଯୋଗକଲା ମାର୍କେଟ କମିଟି

### ଭେଣ୍ଡିଂ ଜୋନ୍ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

**ରାଉରକେଲା,୧୦।୧(ସଙ୍ଗୀତା ଜେନା)**

ରାଉରକେଲା ଝିରପାଣି ଥାନା ଅଧୀନ କୋଏଲନଗର ଭେଣ୍ଡି ଜୋନ୍ ଏବଂ ଫୁଡ୍‌କୋର୍ଟ ମାର୍କେଟରେ ଗୁରୁବାର ଅପରାହ୍ନରେ ଜଣେ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏ ସମ୍ପର୍କରେ ମାର୍କେଟ କମିଟି ପକ୍ଷରୁ ଥାନା ଏବଂ ରାଉରକେଲା ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଭେଟି ଅଭିଯୋଗ କରାଯାଇଛି। ଗୁରୁବାର ମଧ୍ୟାହ୍ନରେ ମାର୍କେଟ କମିଟି ସଭାପତି ଦିଗନ୍ତ ପାଣି, ଗଙ୍ଗାଧର ସେନାପତି, ଦାଶରଥୀ ଦାଶ, ମଙ୍ଗଳ ପଲାଇ, ଉଦ୍ଧବ ଚରଣ ବେହେରା, ହେମନ୍ତ ଓଝା, ଲକ୍ଷ୍ମଣ ବାରିକ, ମୀନକେତନ ସାହୁ, ସହରାଇ କଂସାରୀ, ଉଦୟ ଠାକୁର, ସନାତନ ସାହୁ, ଦିନବନ୍ଧୁ ମିଦ୍, ଶୈଳକାନ୍ତ ସାମଲ, ସଞ୍ଜୟ ଦାସ, ଉତ୍ତମ ସାହୁ, ସୁକାନ୍ତ ପଣ୍ଡା, ମନୋଜ ବେହେରା, ସରୋଜ ପ୍ରଧାନଙ୍କ ସମେତ ଅନ୍ୟ ଦୋକାନୀମାନେ ଆର୍‌ଏମ୍‌ସି କମିଶନରଙ୍କ ଅନୁପସ୍ଥିତିରେ ଡେପୁଟି କମିଶନର ଅନୀତା ନାଏକଙ୍କୁ ଭେଟି ଅଭିଯୋଗ କରିଥିଲେ। ସଭାପତି ପାଣିଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ମାର୍କେଟର ଏକ ପ୍ରମୁଖ ସ୍ଥାନରେ ବିଦେଶୀ ଅଫ୍ ଶପ୍ ରହିଛି। ଗୁରୁବାର ଅପରାହ୍ନରେ କିଛି ଅସାମାଜିକ ଯୁବକ ଏଠାରେ ଚିକେନ୍ ଦୋକାନୀ ବାବୁ ରାଓଙ୍କୁ ଆକ୍ରମଣ କରିଥିଲେ। ଏପରିକି ସେକ୍ଟର-୩ ଅଞ୍ଚଳର କିଛି ବସ୍ତି ଲୋକଙ୍କୁ ଡକାଇ ଆଣିଥିଲେ ଏବଂ ସେମାନେ ମାରଣାସ୍ତ୍ର ଧରି ଦୋକାନୀଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ଦୋକାନୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ମଦ ଦୋକାନକୁ ଏଠାରୁ ସ୍ଥାନାନ୍ତର ଓ ମାର୍କେଟରେ ସୁରକ୍ଷା ପାଇଁ ପୋଲିସ ମୁତୟନ କରିବାକୁ କମିଟି ପକ୍ଷରୁ ଦାବି କରାଯାଇଛି। ଡେପୁଟି କମିଶନର ନାୟକ କହିଥିଲେ, ମଦ ଦୋକାନ ସମ୍ପର୍କରେ ଅବକାରୀ ବିଭାଗ ସହ ଆଲୋଚନା କରାଯିବ। ସୁରକ୍ଷା ଦୃଷ୍ଟିରୁ ପୋଲିସର ସହାୟତା ନିଆଯାଉ। ଦୋକାନ ପରିଚାଳନାକୁ କଡ଼ା ଦୃଷ୍ଟି ରେ ରଖି ତନଖି କରାଯିବ ବୋଲି ନାୟକ କହିଥିଲେ।

ସୂଚନାଯୋଗ୍ୟ, ଉକ୍ତ ମାର୍କେଟରେ ପ୍ରାୟ ୬୦ଟି ଦୋକାନ ରହିଛି। ଏଥିରେ ୧୫/୨୦ଟି ଦୋକାନ ଚାଲୁ ରହିଥିବା ବେଳେ ଅଧିକାଂଶ ବନ୍ଦ ରହିଛି। ଏହାର ସୁଯୋଗ ନେଇ ଅସାମାଜିକ ଯୁବକମାନେ ଖୁଲମଖୁଲା ମଦ୍ୟପାନ କରିବା ଓ ବିଭିନ୍ନ ସମୟରେ ଗଣ୍ଡଗୋଳ କରୁଛନ୍ତି। ଥାନା ପ୍ରାୟ ୨ ଶହ ମିଟର ଦୂରରେ ଥିଲେ ମଧ୍ୟ ଏଠାରେ ନିୟମିତ ପାଟ୍ରୋଲିଂ ହେଉନାହିଁ ବୋଲି ଅନ୍ୟ ଦୋକାନୀମାନେ ଅଭିଯୋଗ କରିଆସୁଛନ୍ତି। ତେବେ ଗୁରୁବାର ଘଟଣାରେ ଦୋକାନୀ ଅଭିଯୋଗ କରିବା ପରେ ପୋଲିସ ୩/୪ ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି।



ଆର୍‌ଏମ୍‌ସିରେ ଦୋକାନୀମାନେ ଅଭିଯୋଗ କରୁଛନ୍ତି।

# କୃଷକଙ୍କ ଦକ୍ଷତା ବୃଦ୍ଧି ହେଲେ ସମାଜର ବିକାଶ ହେବ

## କୃଷକ ସମାବେଶ ୨୦୨୫ ଉଦ୍‌ଘାଟିତ

ସମ୍ବଲପୁର,୧୦।୧(ଭବାନୀ ଶଙ୍କର ଭୋଇ)

ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଆର. ଆର. କଲୋନୀ ଲୁଧାପାଲିଠାରେ କୃଷକ ସମାବେଶ ୨୦୨୫ ଆୟୋଜିତ ହୋଇଯାଇଛି। କୃଷକଙ୍କ ଉନ୍ନତିରେ ଦେଶର ପ୍ରଗତି ହୋଇଥାଏ। ତେଣୁ ଅଞ୍ଚଳର କୃଷକମାନଙ୍କର ଦକ୍ଷତା ବୃଦ୍ଧି କରାଯିବା ଜରୁରୀ ହୋଇଥିବା ଆଦିତ୍ୟ ଆଲୁମିନିୟମର ପ୍ରକଳ୍ପ ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ କାର୍ଯ୍ୟକ୍ରମରେ କହିଥିଲେ। ଏହା ସହ ପ୍ରକଳ୍ପ ମୁଖ୍ୟ ନାୟକ କମ୍ପାନୀ ତରଫରୁ ସରକାରଙ୍କ ବିଭିନ୍ନ ଯୋଜନାକୁ ଉପଯୋଗ କରି କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନର ସୁଯୋଗ କରାଯାଉଥିବା କହିଥିଲେ। ଆୟୋଜିତ କୃଷକ ସମାବେଶ ଅବସରରେ ସୌରଚାଳିତ ପାଣି ପମ୍ପ ପ୍ରକଳ୍ପର ଉଦ୍‌ଘାଟନ କରାଯାଇ, ଚଳିତ ବର୍ଷ ପାଇଁ ୫୭ଜଣ ଉଦ୍ୟୋଗୀ ଚାଷୀଙ୍କୁ ସବ୍‌ସିଡିରେ ସୌର ଚାଳିତ ପାଣି ପମ୍ପ ପ୍ରଦାନ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ଯୋଗଦାନକରି ସମ୍ବଲପୁର ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ହିମାଂଶୁ ଶେଖର ସାହୁ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରି ବିଭାଗୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷାକରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ଅଞ୍ଚଳରେ କମ୍ପାନୀ ଦ୍ୱାରା କରାଯାଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ପ୍ରଶଂସା କରିଥିଲେ। ଆଦିତ୍ୟ ଆଲୁମିନିୟମର ମାନବ ସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର କାର୍ଯ୍ୟକ୍ରମରେ ଯୋଗଦେଇ ଅଞ୍ଚଳର ବିକାଶ ଦିଗରେ ଉନ୍ନତିମୂଳକ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୃଷି ବିଭାଗର ସହ ନିର୍ଦ୍ଦେଶକ ଡ. ସଂଯୁକ୍ତା ମହାପାତ୍ର, ରେଙ୍ଗାଲି ବ୍ଲକ ପ୍ରାଣୀ ବିଭାଗର ଅଧିକାରୀ ଡ. ଅମ୍ରିତା ପଣ୍ଡା, ସମ୍ବଲପୁର ମୃତ୍ତିକା କୃଷି ବିକାଶ କେନ୍ଦ୍ରର ଆଶିଷ ମିଶ୍ର ଓ ରଙ୍ଗାଲି ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ଜେନା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ୩୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଚାଷୀମାନେ ବିଭିନ୍ନ କୃଷିଜାତ ଦ୍ରବ୍ୟ ପ୍ରଦର୍ଶନ କରିଥିବାବେଳେ ବିଭିନ୍ନ ଯନ୍ତ୍ରପାତି ଉତ୍ପାଦନ ଏବଂ ବିତରଣ ଏଜେନସି ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରିଥିଲେ। ଅତିଥିମାନେ ଉଦ୍ୟୋଗୀ କୃଷକମାନଙ୍କୁ କୁମୁଦିନୀ ଏଣ୍ଟରପ୍ରାଇସର ସହ ଭାଗିତାରେ ଚାଷ ନିମନ୍ତେ ସୋଲାର ଚାଳିତ ପାଣିପମ୍ପ ପ୍ରଦାନ କରିଥିଲେ। ଭାଲୁଦଦିଆ କଲୋନୀ କମିଟି ସଦସ୍ୟଙ୍କ ସାହାଯ୍ୟ, ସହଯୋଗରେ ଓ ପାରିପାର୍ଶ୍ୱିକ ଉନ୍ନୟନ ବିଭଗୀୟ ଅଧିକାରୀ ମନୋରଞ୍ଜନ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।



ଆର୍‌ଆର୍ କଲୋନି ଲୁଧାପାଲିଠାରେ କୃଷକ ସମାବେଶରେ ଉପସ୍ଥିତ ଅତିଥି ବୃନ୍ଦ।

# ମଣ୍ଡଳସ୍ତରୀୟ ଭାଜପାର ମିଶ୍ରଣ ପର୍ବ


ମିଶ୍ରଣ ପର୍ବରେ ଭାଜପାର କର୍ମକର୍ତ୍ତା।

ଜମନକିରା,୧୦।୧(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକରେ ଭାଜପାର ଜମନକିରା ଏବଂ ଗୁଣ୍ଡୁରୁଟୁଆ ଦୁଇଟି ମଣ୍ଡଳ କମିଟି ରହିଛି। ଶୁକ୍ରବାର ଏହି ପରିପ୍ରେକ୍ଷୀରେ ଗୁଣ୍ଡୁରୁଟୁଆ ମଣ୍ଡଳସ୍ତରୀୟ ଏକ ମିଶ୍ରଣ ପର୍ବ କଟଙ୍ଗପାଣି ଖେଳ ପଡିଆଠାରେ ସଭାପତି ଦୁଷ୍ମନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ସାଧାରଣ ସମ୍ପାଦକ ସୁଶିଲ କୁମାର କର ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସଭ୍ୟ ନୃପଲାଲ ପଲେଇ, ଜିଲା ଉପସଭାପତି ବିରେନ୍ଦ୍ର ଚୌଧୁରୀ, ସରପଞ୍ଚ ମନୋଜ କୁମାର ମାଝୀ, ପୂର୍ବତନ ଜମନକିରା ମଣ୍ଡଳ ସଭାପତି ଅମୋଘ ବୈରିଗଞ୍ଜନ ପାଣିଗ୍ରାହୀ, ସମିତି ସଭ୍ୟ ସନାତନ ବାଘ, ପବନ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ନୂତନ ଭାବେ ସଭ୍ୟ ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ମଣ୍ଡଳସ୍ତରୀୟ ନୂତନ ସଭାପତି ଭାବେ ମନୋଜ କୁମାର ମାଝୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ନୂତନ ଭାବେ ଦାୟିତ୍ୱ ନେଇଥିବା ମାଝୀ ଆସନ୍ତା ଦିନରେ ଯେପରି ତୃଣମୂଳ ସ୍ତରରୁ କମିଟି ଗଠନ କରାଯାଇ ଯେପରି ୧୧ଟା ପଞ୍ଚାୟତ ତ୍ରିସ୍ତରୀୟ ନିର୍ବାଚନରେ ଜୟଯୁକ୍ତ କରାଯାଇ ପାରିବ ସେ ଦିଗରେ କାର୍ଯ୍ୟ କରାଯିବ ବୋଲି ସମସ୍ତଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜମନକିରା ବ୍ଲକ ୧୧ଟି ପଞ୍ଚାୟତରୁ କର୍ମୀମାନେ ଯୋଗ ଦେଇଥିଲେ। ଶେଷରେ ପବନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିସୁଟ୍‌ରେ ଉତ୍କର୍ଷ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୧୦।୧(ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ 'ଷ୍ଟାର୍ଟଅପ୍ ଓଡିଶା' ଅନ୍ତର୍ଗତ ଉଦ୍ୟମୀତା ସେଲ୍ ସହଯୋଗରେ 'ଉତ୍କର୍ଷ ଓଡିଶା–୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭିସୁଟ୍ ସ୍ଥିତ ଇ-ଲର୍ଣିଂ ସେଣ୍ଟରରେ ଶୁକ୍ରବାର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଭୂତିଭୂଷଣ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଷ୍ଟାର୍ଟଅପ୍ ଓଡ଼ିଶା, ସିଇଓ ଡ. ପିକେ ମଲ୍ଲିକ ଓ ସମ୍ମାନିତ ଅତିଥିଭାବେ ଡିନ୍ ଷ୍ଟୁଡେଣ୍ଟ ୱେଲଫେୟାର ପ୍ରଫେସର ରାକେଶ ରୋଷନ ଦାଶ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଗେଟ୍ ବିଜ୍‌ର ସିଇଓ ତଥା ସହପ୍ରତିଷ୍ଠାତା ପ୍ରତୀକ ଅଗ୍ରୱାଲ୍ ଷ୍ଟାର୍ଟଅପର ଆବଶ୍ୟକତା ଓ ଏହାର ଉପଯୋଗିତା ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ 'ଷ୍ଟାର୍ଟଅପ୍ ଓଡିଶା: ସଫଳତା ଏବଂ ସୁଯୋଗ' ଶୀର୍ଷକ ଉପରେ ଆଲୋଚନା କରି ସିଦ୍ଧାନ୍ତ ଶତପଥୀ ଓ ପ୍ରଫେସର ଦେବଦତ୍ତ ମିଶ୍ର ଶିକ୍ଷା ସଂସ୍ଥାଗୁଡ଼ିକର ଦାୟିତ୍ୱ ସମ୍ପର୍କରେ ଅବଗତ କରିଥିଲେ। ସେହିପରି ଆଇଆଇଏମ୍, ସମ୍ବଲପୁର ପ୍ରଫେସର ଡ. ଭୈରବ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରରେ ଏକ ବିଶେଷଜ୍ଞ ସେସନ୍ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତୁଳାରାମ କାଲେତଙ୍କ ସମେତ ଉପସ୍ଥିତିରେ ବୈଷୟିକ ସୋସାଇଟିର ଉପସଭାପତି ଡ. ସୁଧାଂଶୁ ରଞ୍ଜନ ଦାଶ, ଫାକଲ୍ଟି ପରାମର୍ଶଦାତା ଡ. ଅରୋ କୁମାର ସାହୁ ଓ ଅନୀଲ କୁମାର ମୁର୍ମୁଙ୍କ ତତ୍ତ୍ୱାବଧାନରେ ଏକ ନେଟୱାର୍କିଂ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏଥିରେ ଅତିଥିମାନଙ୍କ ସହିତ ଛାତ୍ରୀଛାତ୍ର ସିଧାସଳଖ ଆଲୋଚନା କରିବାର ସୁଯୋଗ ପାଇଥିଲେ। ଦ୍ୱିତୀୟ ଅଧିବେଶନରେ ଏକ କୁଇଜ କାର୍ଯ୍ୟକ୍ରମ ଓ ପିଚିଂ ସେସନ୍ ଅନୁଷ୍ଠିତ ହୋଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ଉଭୟ କାର୍ଯ୍ୟକ୍ରମର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବୈଷୟିକ ସୋସାଇଟି ଉପସଭାପତି ଡ. ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ଭିସୁଟ୍‌ରେ ଉତ୍କର୍ଷ ଓଡ଼ିଶା–୨୦୨୫ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

# ଗଡ଼ମୁଣ୍ଡା କ୍ଲଷ୍ଟରସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା


ଗଡ଼ମୁଣ୍ଡା କ୍ଲଷ୍ଟରସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତାରେ ଅତିଥି ଓ କୃତୀ ପ୍ରତିଯୋଗୀ।

ସମ୍ବଲପୁର,୧୦।୧ (ବି.ଶଙ୍କର)

ହୀରାକୁଦସ୍ଥିତ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଗଡ଼ମୁଣ୍ଡା କ୍ଲଷ୍ଟରସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନୂଆଁଡେଙ୍ଗିମଚାର ଖେଳ ପଡିଆରେ ଗୁରୁବାର ହୋଇଯାଇଛି। ହିଣ୍ଡାଲକୋ ସମ୍ବଲପୁର ୟୁନିଟ ମୁଖ୍ୟ ଦେବାଶିଷ ମଲ୍ଲିକଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ରଙ୍କର କ୍ରୀଡାର ବିକାଶ ପାଇଁ ପ୍ରତିଯୋଗିତା ହୋଇଛି। କ୍ରୀଡା ମଶାଲକୁ ଗ୍ରହଣ କରି ହିଣ୍ଡାଲକୋ ଆଡମିନ ମୁଖ୍ୟ ରାଜ ସିଂ, ଗ୍ରାମର ବରିଷ୍ଠ ନାଗରିକ ଯୋଗେଶ୍ୱର ପ୍ରଧାନ, ସିଆରସିସି ଗଡ଼ମୁଣ୍ଡା କ୍ଲଷ୍ଟର ସୁପ୍ରଭା ସ୍ୱାଇଁ ଓ ହିଣ୍ଡାଲକୋ ସିଏସ୍‌ଆର ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ଗ୍ରାମର କ୍ଷମାସାଗର ସାହୁ ଓ ସ୍କୁଲ ପରିଚାଳନା ସମିତିର ସଦସ୍ୟ ଏବଂ ସଦସ୍ୟାମାନେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଖେଳକୁଦ ପ୍ରତିଯୋଗିତାରେ ମୋଟ ୧୭ଟି ବିଭାଗର ବିଭିନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ହିଣ୍ଡାଲକୋ ହୀରାକୁଦର କ୍ରୀଡା ବିଶେଷଜ୍ଞମାନେ ବିଚାରକ ଭାବେ ରହି ପ୍ରତିଯୋଗୀମାନଙ୍କର ମୂଲ୍ୟାଙ୍କନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ହିଣ୍ଡାଲକୋର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ଯୋଗ ଦେଇଥିଲେ। ବିଜେତା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରାଇଥିଲେ। ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ ସିନ୍ଧେ ଆଗାମୀ ଦିନରେ ଜନସାଧାରଣଙ୍କ ସହଯୋଗରେ ସିଏସ୍‌ଆର ମାଧ୍ୟମରେ ପାରିପାର୍ଶ୍ୱିକ ଉନ୍ନତି କାର୍ଯ୍ୟ ଜାରି ରହିବ ବୋଲି କହିଥିଲେ। ଧନକଉଡା ଏବିଇଓ ରମେଶ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ଲଷ୍ଟରସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା ହିଣ୍ଡାଲକୋ ଆୟୋଜନ କରିଥିବାରୁ ସାଧୁବାଦ ଜଣାଇଥିଲେ। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ସୁକାନ୍ତ ମହାପାତ୍ର ଉପସ୍ଥିତ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅରବିନ୍ଦ ଦାସ, ସୁନିତା ପଣ୍ଡା, ଭି ବିଜୟଲକ୍ଷ୍ମୀ, ଦିନକଣ୍ଠା ମୁଣ୍ଡା, ଲିଙ୍ଗରାଜ ପ୍ରଧାନ, ମନୋଜ ଦୋରା, ଦେବେନ୍ଦ୍ର ପ୍ରଧାନ ମମତା ଆଚାର୍ଯ୍ୟ, ଖିତେଟେଶ୍ୱରୀ ସାହୁ, ମିନି ପ୍ରଧାନ, ପ୍ରମୋଦ ଦାସ, ସଞ୍ଜିତ ମିଶ୍ର, ଅନିଲ ମିଶ୍ର, ସଞ୍ଜୟ ଗୁରୁ ଓ ବିଭିନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ଖେଳକୁଦ ପରିଚାଳନାରେ ସହଯୋଗ କରିଥିଲେ। ଏହି କ୍ରୀଡା କାର୍ଯ୍ୟକ୍ରମକୁ ସିଏସ୍‌ଆର ବିଭାଗର ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ମିଲନ କୁମାର ସାହୁ ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ ।

# କିସିଣ୍ଡା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ନାକଟିଦେଉଳ,୧୦।୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୧୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମୁଦାୟ ୨୬ଟି ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବାଳକ ବର୍ଗରେ ଦଶମ ଶ୍ରେଣୀ ଛାତ୍ର ବାସିଲ ସରନିଆ ଏବଂ ନବମ ଶ୍ରେଣୀ ଛାତ୍ର ଠାକୁର ପ୍ରସାଦ ସିଂ ଚାମ୍ପିୟନ ହୋଇଥିଲେ। ସେହିପରି ବାଳିକା ବର୍ଗରେ ନବମ ଶ୍ରେଣୀ ଛାତ୍ରୀ ଚୁମକି ନେଗୀ ଚାମ୍ପିୟନ ହୋଇଥିଲେ। ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ଜ୍ୟୋତିନାରାୟଣ ମହନ୍ତ ପରିଚାଳନା କରିଥିଲେ। କିସିଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ କିସିଣ୍ଡା ପଞ୍ଚାୟତର ସରପଞ୍ଚ ରୀନା ରାଣୀ ନାଏକ, ସମିତିସଭ୍ୟା ଯାଜ୍ଞସେନୀ କୁଅଁର, ଅବସରପ୍ରାପ୍ତ ଶିକ୍ଷକ ଦର୍ଶନୀ ଷଣ୍ଢ ଏବଂ ଅବସରପ୍ରାପ୍ତ କିରାଣୀ ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ରୁକ୍ମଣୀ ପ୍ରଧାନ ସଂଯୋଜନା କରିଥିବାବେଳେ ପ୍ରତିଯୋଗିତା ଆୟୋଜନରେ ଶିକ୍ଷକ ଧନଞ୍ଜୟ ପ୍ରଧାନ, ଲିକୁନ ସାହୁ, ଶିକ୍ଷୟିତ୍ରୀ ସଙ୍ଗୀତା ସୋରେନ, ଶୁଭସ୍ମିତା ରାଉତ, ଅମିତା କିଣ୍ଡୋ ଏବଂ ଦୁର୍ଗାଚରଣ ପ୍ରଧାନ, ପ୍ରମୋଦ ବିଶିଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ବିଶ୍ୱ ହିନ୍ଦୀ ଦିବସ

ସମ୍ବଲପୁର,୧୦।୧(ବି.ଶଙ୍କର)

ବିଶ୍ୱ ହିନ୍ଦୀ ଦିବସ ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ଶୁକ୍ରବାର ପାଳିତ ହୋଇଯାଇଛି। କେନ୍ଦ୍ରର ଅଭିଯାନ୍ତ୍ରିକୀ ମୁଖ୍ୟ ସୁବୋଧ କୁମାର ପାଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଆୟୋଜିତ ସଭାରେ କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟଙ୍କ ହିନ୍ଦୀ ଭାଷାର ବ୍ୟବହାର ବିଷୟରେ ଆଲୋକପାତ କରିଥିଲେ। ପ୍ରଭାରୀ ହିନ୍ଦୀ ଅଧିକାରୀ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ପ୍ରଦାନ ସହ ବିଶ୍ୱ ହିନ୍ଦୀ ଦିବସର ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ସଭାରେ ସୁଶୀଳା ପ୍ରିସିଲା ମିଞ୍ଜ, ସଞ୍ଜୟ ସରକାର, କୈବର୍ତ୍ତ ସାହୁ, ଲଳିତା କେରକେଟା, ସତ୍ୟରଞ୍ଜନ ପଣ୍ଡା, ପ୍ରବୀଣ କୁମାର ଖାଡ଼ିଆ, ଦୀପକ ଓରାମ, ମହାଦେବ ଜାଗରିଆ, ଆଲୋକ କୁମାର ପ୍ରଧାନ, ଦେବାଶୀଷ ମାଲଗୋ ପ୍ରମୁଖ ଯୋଗଦେଇ ହିନ୍ଦୀ ଭାଷା ପ୍ରଚାର ଓ ବ୍ୟବହାର ବିଷୟରେ ଆଲୋକପାତ କରିଥିଲେ। ସୋମନାଥ ଜାଲ ଏବଂ ବୃନ୍ଦାବନ ସେଠୀ ସହଯୋଗ କରିଥିଲେ ।

# ହିନ୍ଦୀ ଭାଷା ବିବିଧତାରେ ଏକତାର ବାର୍ତ୍ତା ଦେଇଥାଏ

## ଏମ୍‌ସିଏଲ୍‌ରେ ବିଶ୍ୱ ହିନ୍ଦୀ ଦିବସ

ସମ୍ବଲପୁର,୧୦।୧(ବି.ଶଙ୍କର)

ମହାନାଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ ଶୁକ୍ରବାର ବୁର୍ଲା ଜାଗୃତି ବିହାରସ୍ଥିତ ମୁଖ୍ୟାଳୟ ସଭାକକ୍ଷରେ ପାଳିତ ହୋଇଯାଇଛି। ନିର୍ଦ୍ଦେଶକ (ଅର୍ଥ) ଅଜିତ କୁମାର ବେହୁରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ନିର୍ଦ୍ଦେଶକ ବେହୁରା କହିଥିଲେ ଯେ, ହିନ୍ଦୀ ହେଉଛି ଏକ ଭାଷା, ଯାହା କେବଳ ଭାରତରେ ନୁହେଁ ବରଂ ବିଶ୍ୱର ଅନେକ ଦେଶରେ ମଧ୍ୟ କୁହାଯାଏ। ସାରା ବିଶ୍ୱରେ ଭାରତୀୟ ସଂସ୍କୃତି ଓ ପରମ୍ପରାର ପତାକା ଉତ୍ତୋଳନ କରିଛି। ଆମ କାର୍ଯ୍ୟକ୍ଷେତ୍ରରେ ତଥା ସମାଜରେ ହିନ୍ଦୀ ପ୍ରଚାର କରିବାରେ ସହଯୋଗ କରିବା ଆମର କର୍ତ୍ତବ୍ୟ ହେବା ଉଚିତ ବୋଲି ସୂଚିତ କରିଥିଲେ। ଜେନେରାଲ ମ୍ୟାନେଜର (ପର୍ସନାଲ /ଅଫିସିଆଲ ଭାଷା) ନଳିନୀକାନ୍ତ ମିଶ୍ର କହିଛନ୍ତି ଯେ, ଦେଶରେ ଲୋକଙ୍କୁ ଯୋଡିବା ଏବଂ ଏକତା ସୃଷ୍ଟି କରିବା ପାଇଁ ହିନ୍ଦୀ ଭାଷା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ହିନ୍ଦୀ କେବଳ ଆମ ଦେଶର ସାଂସ୍କୃତିକ, ପରମ୍ପରା, ଐତିହ୍ୟ ଏବଂ ଗର୍ବର ପ୍ରତୀକ ନୁହେଁ ବରଂ ଏହା ବିଶ୍ୱର ଲୋକମାନଙ୍କ ଦ୍ୱାରା ପ୍ରେମ ସହିତ ଗ୍ରହଣ କରାଯାଉଛି। ପ୍ରସିଦ୍ଧ ସାହିତ୍ୟିକ ଡ.ପ୍ରେମ ଶଙ୍କର ତ୍ରିପାଠୀ ଅତିଥି ବକ୍ତା ଭାବରେ ଯୋଗଦେଇଥିଲେ । ସେ ଭାରତୀୟ ସଂସ୍କୃତି ଏବଂ ହିନ୍ଦୀର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ହିନ୍ଦୀ କେବଳ ଏକ ଭାଷା ନୁହେଁ ବରଂ ସମଗ୍ର ଭାରତୀୟ ସଂସ୍କୃତିର ପ୍ରତିନିଧି। ଏହି ଅବସରରେ ସେ ହିନ୍ଦୀ ସାହିତ୍ୟର ପ୍ରସିଦ୍ଧ କବି ଦିନକରଙ୍କ ଏବଂ ଅନ୍ୟ କବିମାନଙ୍କର କବିତା ପାଠ କରିଥିଲେ। ସରକାରୀ ଭାଷା ବିଭାଗ ଏମସିଏଲ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ, ଅଧିକାରୀ ଏବଂ ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।


ଏମ୍‌ସିଏଲ ମୁଖ୍ୟାଳୟ ସଭାକକ୍ଷରେ ଆୟୋଜିତ ବିଶ୍ୱ ହିନ୍ଦୀ ଦିବସରେ ଅତିଥି ଓ ବକ୍ତାମାନେ।

# ଅଢ଼େଇ ବର୍ଷ ପରେ ଘରକୁ ଫେରିଲେ ନିଖୋଜ ଶ୍ରମିକ

ସମ୍ବଲପୁର,୧୦।୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଅନ୍ତର୍ଗତ ଲିପିଣ୍ଡା ପଞ୍ଚାୟତର ରାଜୁ ସୁନା(୪୦) ଅଢ଼େଇ ବର୍ଷ ପୂର୍ବେ ଚେନ୍ନାଇକୁ ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଯାଇଥିଲେ। ମାତ୍ର ସେ ଦିଲ୍ଲୀରେ ଅପନାଘର ନାମକ ଏକ ଆଶ୍ରମର ଥିବା ଖବରପାଇ ଶୁକ୍ରବାର ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱଇଚ୍ଛା ସହାୟତାରେ ତାଙ୍କୁ ଜନ୍ମମାଟିକୁ ଫେରାଇ ଅଣାଯାଇଛି। ନିଜ ପରିବାରଙ୍କ ପେଟପାଟଣା ପାଇଁ ଘରେ ନିଜ ସ୍ତ୍ରୀ ରଜନୀ ସୁନା ଏବଂ ୩ଛୁଆଙ୍କୁ ଛାଡ଼ି ଦାଦନ ଶ୍ରମିକ ଭାବେ କାମ କରିବାକୁ ରାଜୁ ଚେନ୍ନାଇ ଯାଇଥିଲେ। ମାତ୍ର ସେ ଟ୍ରେନ୍ ଯୋଗେ ସମ୍ବଲପୁର ଫେରିଲା ସମୟରେ ବାଟରେ ନିଖୋଜ ହୋଇଯାଇଥିଲେ। ଏସମ୍ପର୍କରେ ଜାଣିବା ପରେ ଅଢ଼େଇ ବର୍ଷ ପୂର୍ବେ ତାଙ୍କ ପରିବାର ଲୋକେ ପୋଲିସ ଓ ଜିଲା ପ୍ରଶାସନ ନିକଟରେ ଅନେକ ହାରି ଗୁହାରି କରି ନିରାଶ ହୋଇଥିଲେ। ତେବେ ରାଜୁ ଚେନାଇରୁ ଘରକୁ ଫେରୁଥିବା ସମୟରେ ଟ୍ରେନରୁ ଖସିପଡ଼ି ଗୋଟିଏ ଗୋଡ଼ କଟିଯିବାରୁ ସେ ସଂଜ୍ଞାହୀନ ହୋଇ ରେଳ ଧାରଣାରେ ପଡିଥିଲେ। ଏହାଦେଖି ରେଳବାଇ ପୋଲିସ ତାଙ୍କୁ ଅତ୍ୟନ୍ତ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେ ସୁସ୍ଥହେବା ପରେ ତାଙ୍କର ମାନସିକ ସ୍ଥିତି ଭଲ ନ ଥିବାରୁ ନିଜ ଘର ଠିକଣା ଭୁଲି ଯାଇଥିଲେ। ଫଳରେ ସେ ଭିକ୍ଷାକରି ଟ୍ରେନ୍ ଯୋଗେ ଦିଲ୍ଲୀରେ ପହଞ୍ଚିଥିଲେ। ସେଠାରେ ଏଣେତେଣେ ବୁଲି ଭିକ୍ଷାବୃତ୍ତି କରୁଥିବାବେଳେ କେତେଜଣ ସ୍ୱେଚ୍ଛାସେବୀ ତାଙ୍କୁ ଉଦ୍ଧାର କରି ଦିଲ୍ଲୀର ଅପନା ଘର ନାମକ ଏକ ଆଶ୍ରମ ଆଶ୍ରୟ ଦେଇଥିଲେ। ପରେ ତାଙ୍କ ମାନସିକ ସ୍ଥିତି ସାମାନ୍ୟ ଠିକ ହେବା ପରେ ଉକ୍ତ ଆଶ୍ରମ କର୍ତ୍ତୃପକ୍ଷ ତାଙ୍କ ଘର ଠିକଣା ପଚାରି ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲେ। ରାଜୁଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଦିଲ୍ଲୀଯାଇ ରାଜୁଙ୍କୁ ଆଣିବା ସେମାନଙ୍କ ପକ୍ଷେ ଆର୍ଥିକ ଭାବେ ସମ୍ଭବ ହୋଇଥିଲା। ଏସମ୍ପର୍କରେ ଜାଣିବା ପରେ ତାଙ୍କ ପରିବାର ଲୋକଙ୍କ ସହାୟତା ପାଇଁ ସ୍ୱଇଚ୍ଛା ସଙ୍ଗଠନ ଆଗେଇ ଆସିଥିଲା। ସ୍ୱଇଚ୍ଛା ସଦସ୍ୟ ସୂର୍ଯ୍ୟ ପଣ୍ଡା ରାଜୁଙ୍କ ପରିବାର ସହ ଦିଲ୍ଲୀର ଉକ୍ତ ଆଶ୍ରମରେ ପହଞ୍ଚି ସେଠାରୁ ତାଙ୍କୁ ଉଦ୍ଧାର କରି ଘରକୁ ଫେରାଇ ଆଣିଛନ୍ତି। ସେ ଘରକୁ ଫେରିବା ପରେ ଆବଶ୍ୟକତା ଅନୁସାରେ ତାଙ୍କୁ ତୁରନ୍ତ ଏକ ହୁଇଲ ଚେୟାର ଓ କୃତ୍ରିମ ଗୋଡ଼ ଯୋଗାଇ ଦେବାକୁ ଜିଲା ପ୍ରଶାସନ ନିକଟରେ ମାନସ ଶତପଥୀ, ଅଭିଷେକ ଲିମା, ତନ୍ମୟ ମେହେର, ଆର୍ତ୍ତତ୍ରାଣ ଶତପଥି, ରଞ୍ଜନ ବଡ଼ପଣ୍ଡା, ମନୋଜ ଗୁପ୍ତା, ସୌରଭ ପରିଛା, ଶତ୍ରୁଘ୍ନ ରାଉତ, ଦୁର୍ଗାଦାସୀ ନାଥଶର୍ମା, କାହ୍ନୁ ଚରଣ ନାୟକ, ସବ୍ଯସାଚୀ ପଣ୍ଡା ଓ ଅଶୋକ ତ୍ରିପାଠୀ ପ୍ରମୁଖ ଦାବି କରିଛନ୍ତି।


ସ୍ୱଇଚ୍ଛା ସଦସ୍ୟ ଓ ପରିବାର ଲୋକଙ୍କ ସହ ଦିଲ୍ଲୀରୁ ଫେରି ସମ୍ବଲପୁର ରେଳଷ୍ଟେଶନରେ ରାଜୁ।


କଂସଙ୍କ ମଥୁରା ଭ୍ରମଣବେଳେ ଲୋକଙ୍କ ଭିଡ଼।


ଶଙ୍ଖଚୂଡ଼ ବଧ ଦୃଶ୍ୟାଭିନୟ।


ଶବରୀଙ୍କ ଦ୍ୱାରା କୋଳିଖିଆ ଦୃଶ୍ୟ।

## ଆଜିର ଧନୁଯାତ୍ରା କାର୍ଯ୍ୟକ୍ରମ

**ତା୧୧।୧।୨୦୨୫ (ଶନିବାର)**

**ମଥୁରାନଗରୀ**

ମଥୁରା ଆମ୍ରବନ (ଗୋବିନ୍ଦପାଲି ହନୁମାନ ମନ୍ଦିର ପ୍ରାଙ୍ଗଣ)ରେ ଶ୍ରୀକୃଷ୍ଣ ଭକ୍ତିରେ ନିମଗ୍ନ ମୁନି, ଋଷିଙ୍କ ଉପରେ କଂସଙ୍କ ଅତ୍ୟାଚାର, ରୁଦ୍ରଶୂଳ ପ୍ରାପ୍ତି, ଶିବ ତାଣ୍ଡବ, କୃଷ୍ଣ, ବଳରାମଙ୍କ ମଥୁରାରେ ପ୍ରବେଶ।

**ଗୋପପୁର**

କୃଷ୍ଣ, ବଳରାମଙ୍କ ବିଦାୟ ଉତ୍ସବ ଓ ଗୋପୀମାନଙ୍କ ବିଳାପ, କୃଷ୍ଣ, ବଳରାମଙ୍କୁ ଧରି ଅକ୍ରୂରଙ୍କ ମଥୁରା ଅଭିମୁଖେ ଯାତ୍ରା।

**ଧନୁଯାତ୍ରା ମହୋତ୍ସବର ଝଲକ**


କଂସ ମହାରାଜ ବୟନିକା ଆୟୋଜିତ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ପରିଦର୍ଶନ କରୁଛନ୍ତି।


ଶ୍ରୀକୃଷ୍ଣଙ୍କ ସହିତ ଅନ୍ଧ ବ୍ରାହ୍ମଣଙ୍କ ସାକ୍ଷାତ।


ଶ୍ରୀକୃଷ୍ଣଙ୍କୁ ଦେଖି ଅକ୍ରୂର ଭାବବିହ୍ୱଳ ହେଉଛନ୍ତି।

# ଶ୍ରୀକୃଷ୍ଣ, ବଳରାମଙ୍କୁ ଭେଟିଲେ ଅକ୍ରୂର

**ମଥୁରାନଗରୀ/ଗୋପପୁର,୧୦।୧ (ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ଅଷ୍ଟମ ଦିବସରେ ଉଭୟ ମଥୁରା ନଗରୀ ଏବଂ ଗୋପପୁର ଦୃଶ୍ୟାଭିନୟ ଦେଖିବାକୁ ପ୍ରବଳ ଭିଡ଼ ହୋଇଥିଲା। ଶୁକ୍ରବାରଠାରୁ ହାଟପଦାସ୍ଥିତ ରାଜଦରବାର ରଙ୍ଗମହଲ ଏବଂ ନିଶାମଣି ସ୍କୁଲ ସମ୍ମୁଖ ଲୋକ ମଣ୍ଡପ ପଡ଼ିଆ ରାଜଦରବାର ପାଲଟିଛି। ଏହି କ୍ରମରେ ଉଭୟ ମଞ୍ଚରେ ଦୃଶ୍ୟାଭିନୟ ମଧ୍ୟ ଦେଖିବାକୁ ମିଳିଥିଲା। ଅନ୍ୟଦିନ ଭଳି କଂସ ମହାରାଜ ମଥୁରା ଭ୍ରମଣ କରିଥିଲେ। ଭ୍ରମଣ ବାଟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ବୟନିକା ପକ୍ଷରୁ ଚାଲିଥିବା ଜାତୀୟ ସ୍ତରୀୟ ହସ୍ତତନ୍ତ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହାସହିତ ସେଠାରେ ରକ୍ତଦାନ

**ବରଗଡ଼ ଧନୁଯାତ୍ରା ମହୋତ୍ସବ**

ଶିବିରର ଶୁଭାରମ୍ଭ କରିଥିଲେ। ପରେ ରଙ୍ଗମହଲକୁ ଆସି ନାଚଗୀତରେ ମସଗୁଲ ହୋଇଥିଲେ। ସେଠାରେ ଅଶାନ୍ତ ମନକୁ ଶାନ୍ତ କରି କଂସ ମହାରାଜ ରାଜଦରବାରକୁ ଆସିଥିଲେ। ଗୋପପୁରକୁ ପ୍ରେରିତ ଜଣେ ପରେ ଜଣେ ରାକ୍ଷସୀ, ରାକ୍ଷସ ନିଧନ ଖବର ପାଇବା ପରେ ମର୍ମାହତ କଂସ ଶ୍ରୀକୃଷ୍ଣ, ବଳରାମଙ୍କୁ ହତ୍ୟା ପାଇଁ ନିଜ ସୈନ୍ୟ, ସାମନ୍ତଙ୍କ ସହିତ ଯୁଦ୍ଧାଭ୍ୟାସ କରିଥିଲେ। ଅନ୍ୟପଟେ ଗୋପାଳ ବାଳକଙ୍କ ଗହଣରେ ଶ୍ରୀକୃଷ୍ଣ, ବଳରାମ ଗୋପପୁର ପରିକ୍ରମା କରି ବୃନ୍ଦାବନ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଅନ୍ଧ ବ୍ରାହ୍ମଣ ଶ୍ରୀକୃଷ୍ଣଙ୍କୁ ଭେଟିବା ପାଇଁ ଯାଇଥିଲେ। ଭେଟିବା ପରେ ସେ ଦୃଷ୍ଟିଶକ୍ତି ଫେରି ପାଇଥିଲେ। ସେହିପରି କଂସ ମହାରାଜଙ୍କ ନିର୍ଦ୍ଦେଶକ୍ରମେ ମହାମନ୍ତ୍ରୀ ଅକ୍ରୂର ଗୋପପୁର ଯାଇଥିଲେ। ବାଟରେ ଯମୁନା (ଜିରା ନଦୀ)ରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦେଖି ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଗୋପପୁରରେ ପହଞ୍ଚିବା ପରେ ଶ୍ରୀକୃଷ୍ଣ, ବଳରାମଙ୍କ ସହିତ ଅକ୍ରୂରଙ୍କ ସାକ୍ଷାତ ହୋଇଥିଲା। ଏହି ଦୃଶ୍ୟାଭିନୟ ଚିତ୍ତାକର୍ଷକ ଥିଲା ଏବଂ ଏହା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା।

## ମାଣ୍ଡୋସିଲ ଡିଗ୍ରୀ କଲେଜରେ ପ୍ରବାସୀ ଭାରତୀୟ ଦିବସ

**ପାଇକମାଲ,୧୦।୧(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା, ସନ୍ତୋଷ ସିଂ ଠାକୁର ଓ ଦେବକାନ୍ତ ନାୟକ ଉପସ୍ଥିତ ଥିଲେ। ଅଧ୍ୟାପକ ସନ୍ତୋଷ ସିଂ ଠାକୁର ପ୍ରବାସୀ ଭାରତୀୟ ଦିବସ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଦେବକାନ୍ତ ନାୟକ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ରୋହିତ କୁମାର ପ୍ରଧାନ ଓ ଗୁରୁ ପ୍ରସାଦ ପଣ୍ଡା ସହଯୋଗ କରିଥିବା ବେଳେ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇକମାଳ ବ୍ଲକରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

**ପାଇକମାଲ,୧୦।୧(ବଡ ଶତପଥୀ)**

ବରଗଡ଼ ଜିଲା ପାଇକମାଳ ବ୍ଲକରେ ଶ୍ରୀ ଅନ୍ନ ଅଭିଯାନ ତରଫରୁ ପିପଲପାଲି ଗ୍ରାମରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଭେଙ୍ଗରାଜପୁର ସରପଞ୍ଚ ସୁଦାମ ଚରଣ ସେଠୀ ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ପାଇକମାଳ ବ୍ଲକ କୃଷି ଅଧିକାରୀ ସୋମନାଥ ମହାପାତ୍ର, ଆତ୍ମା ଅଧ୍ୟକ୍ଷ ଯୋଗେନ୍ଦ୍ର ଭୋଇ, ଅହିଂସା କ୍ଲବ ସମ୍ପାଦକ ଶିବ ପ୍ରସାଦ ସାହୁ, ଶ୍ରୀ ଅନ୍ନ ଅଭିଯାନ ବରଗଡ଼ ଜିଲା ସଂଯୋଜକ ଯୁବକ ମାଝୀ ଓ ଅଭିଷେକ ସିଂହ, ଟିଡିସିସି ଶାଖା ପରିଚାଳକ ବ୍ରହ୍ମାନନ୍ଦ ମାଝୀ, ଆର୍‌ଏମ୍‌ସି ସମ୍ପାଦକ ରବି ନାରାୟଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀ ଅନ୍ନ ଅଭିଯାନ ପାଇକମାଳ ବ୍ଲକ ସଂଯୋଜକ ଗୌର ଚରଣ ସାହୁ ଆରମ୍ଭ କରିଥିଲେ। ୨୦୨୪-୨୫ ଖରିଫ ଋତୁରେ ୩୭୦୦ କୁଇଣ୍ଟାଲ ମାଣ୍ଡିଆ କିଣିବା ପାଇଁ ଲକ୍ଷ୍ୟ ରହିଛି ବୋଲି ମାଣ୍ଡିଆ କ୍ରୟକାରୀ ସଂସ୍ଥା ମାର୍ଜାର କେଶରୀ କୃଷକ ଉତ୍ପାଦକ କମ୍ପାନୀ ଲିଃର ମ୍ୟାନେଜିଂ ଡାଇରେକ୍ଟର ନୀଳମଣି ପୁରୋହିତ କହିଥିଲେ। ପିପଲପାଲି, ପଲସଦା ଓ ଛିନ୍ଦେଇକେଲା ମଣ୍ଡିରେ ୩୭୦୦ କୁଇଣ୍ଟାଲ ମାଣ୍ଡିଆ କୁଇଣ୍ଟାଲ ପିଛା ୪୫୦୦ ଟଙ୍କାରେ କିଣାଯିବ ବୋଲି ସେ ସୂଚନା ଦେଇଥିଲେ। ଭେଙ୍ଗରାଜପୁର, ଟେମିରି, ଫ୍ରେଜେରପୁର, ଭୁବନେଶ୍ୱରପୁର ଗ୍ରାମର ଚାଷୀମାନେ ଉପସ୍ଥିତ ଥିଲେ। ରାକେଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମାର୍ଜାର କେଶରୀ ଉତ୍ପାଦକ କମ୍ପାନୀ ଲିଃର ସିଇଓ ଯମୁନା ବାଗ ସହଯୋଗ କରିଥିଲେ।


ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

**ପାଇକମାଲ,୧୦।୧(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ମିଠାପାଲି ପଞ୍ଚାୟତ କାର୍ଯ୍ୟାଳୟରେ ମହାଶକ୍ତି ଫାଉଣ୍ଡେଶନ ଓ ଏଲଟିଆଇ ମାଇଣ୍ଡ ଟ୍ରି ପକ୍ଷରୁ ଦକ୍ଷତା ଓ କୌଶଳ ଶିକ୍ଷା ବିକାଶ ପାଇଁ ସିଲେଇ ପ୍ରଶିକ୍ଷଣକୁ ବିଡିଓ ବିଡିଓ ପ୍ରଫୁଲ୍ଲ କୁମାର ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏଥିରେ ପାଇକମାଳ ବ୍ଲକର ନୀତି ଆୟୋଗ ଆକାଂକ୍ଷୀ ଗ୍ରାମ ପ୍ରୋଜେକ୍ଟ ଅଧିକାରୀ ମଧୁସ୍ମିତା ବେହେରା, ଆଇଭିଡିପି ପ୍ରକଳ୍ପ ପ୍ରବନ୍ଧକ ଫିରୋଜ କୁମାର ଠାଠି ଏବଂ ମିଠାପାଲି ସରପଞ୍ଚ ସୁଭାସିନୀ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ବ୍ୟାଚ୍‌ରେ ୩୭ ଜଣ କିଶୋରୀ ତିନି ମାସିଆ ଟ୍ରେନିଂ ଶେଷ କରିଥିବାରୁ ସେମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏହାସହିତ ଦ୍ୱିତୀୟ ବ୍ୟାଚ୍‌ରେ ୬୩ ଜଣ ନାମ ପଞ୍ଜୀକରଣ କରିଥିଲେ।

## ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା


କଲେଜ ପରିସରରେ ସମ୍ବର୍ଦ୍ଧିତ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଗଣ।

**ବରପାଲି,୧୦।୧(ଚିତ୍ତରଞ୍ଜନ ସାହୁ)**

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଅବସରରେ ପଞ୍ଚାୟତ କଲେଜରେ ଆୟୋଜିତ ଜାତୀୟ ସେବା ଶିବିରରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜାନୁୟାରୀ ୭ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ସେବା ଶିବିରରେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପିଙ୍କି ବାରିକଙ୍କ ସମେତ ୫ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ସଙ୍ଗୀତ ପ୍ରତିଯୋଗିତାରେ ରାଜେଶ୍ୱରୀ ସାହୁ ଦ୍ୱିତୀୟ, ସ୍ୱପ୍ନା ସୁନା ରଙ୍ଗୋଲିରେ ତୃତୀୟ, ନୃତ୍ୟରେ ତନୁଜା ନାୟକ ତୃତୀୟ ସ୍ଥାନ ହାସଲ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ସ୍ୱେଚ୍ଛାସେବୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଭେରୁଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ପାଇକମାଲ,୧୦।୧(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଭେରୁଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ପ୍ରଧାନ ଶିକ୍ଷକ ଲିଙ୍ଗେଶ୍ୱର ମୁରୁକିଆଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରତ୍ନାକର ମାଝୀ ମୁଖ୍ୟ ଅତିଥି ଓ ଗିରୀଶ ଚନ୍ଦ୍ର ମାଝୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମୋତିରାମ ବରିହା ସଭା ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ଓ ତାଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। ଶିକ୍ଷକ ସୁବାସ ଚନ୍ଦ୍ର ମାଝୀ, ଫିରୋଜ ମହମ୍ମଦ, ମୋତିରାମ ବରିହା, ଟିକେ ଦୁର୍ଗା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶଶିଭୂଷଣ ବେହେରା, କେଶରୀ ସାହୁ ସହଯୋଗ କରିଥିଲେ। ସୁବାଷ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରବାସୀ ଭାରତୀୟ ଦିବସ ଉଦ୍‌ଯାପିତ

**ପଦ୍ମପୁର,୧୦।୧(ପ୍ରଦୀପ୍ତ ଦାଶ)**

ପଦ୍ମପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ପ୍ରବାସୀ ଭାରତୀୟ ଦିବସ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗତ ୮ ତାରିଖରେ ଅଧ୍ୟକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଏହାର ଉଦ୍‌ଘାଟନ କରାଯାଇ କୁଇଜ, ବିଷୟ ଲିଖନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ୯ ତାରିଖରେ ଛାତ୍ରୀମାନଙ୍କର ଏକ ରାଲି ମହାବିଦ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଉଦ୍‌ଯାପନୀ ଉତ୍ସବରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରଯାଇଥିଲା। ଧୀରେନ୍ଦ୍ର ବର୍ଗେ ଓ ଅନିଲ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ। ସୁଶ୍ରୀ ସଙ୍ଗୀତା ଗୌନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

## ଦାଦନ ଶ୍ରମିକଙ୍କ ମୃତଦେହ ରଖି ରାସ୍ତାରୋକୋ

**ପାଇକମାଲ,୧୦।୧(ବଡ ଶତପଥୀ)**

ଆନ୍ଧ୍ରପ୍ରଦେଶରେ ଦାଦନ ଶ୍ରମିକ ଜୟସିଂ ବିଶ୍ୱାଳ(୩୦)ଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଶୁକ୍ରବାର ବରଗଡ ଜିଲା ପାଇକମାଳ ମୁଖ୍ୟ ଛକରେ ମୃତଦେହ ରଖି ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। ଖବର ପାଇ ପାଇକମାଳ ପୋଲିସ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ମଧ୍ୟାହ୍ନ ୧୨ଟାରେ ରାସ୍ତା ଅବରୋଧ ହଟିଥିଲା। ଅନ୍ୟପକ୍ଷେ ଏହା ଏକ ହତ୍ୟାକାଣ୍ଡ ଅଭିଯୋଗ କରି ଘଟଣାର ତଦନ୍ତ ଦାବିରେ ମୃତକଙ୍କ ସ୍ତ୍ରୀ ଜ୍ୟୋତି ବିଶ୍ୱାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ପାଇକମାଳ ବ୍ଲକ କାଂଶଡା ପଞ୍ଚାୟତ ବରପାଲି ଗ୍ରାମର ଜୟସିଂଙ୍କ ସମେତ ୫ଜଣ ଆନ୍ଧ୍ରପ୍ରଦେଶର ଡିସପୁରୀ ଜିମାବାଦରେ ଏକ ଇଟାଭାଟିରେ କାମ କରୁଥିଲେ। ତାଙ୍କୁ ଲାଠୋରର ଜଣେ ସର୍ଦ୍ଦାର ଦୁଇ ମାସ ତଳେ ସେଠାକୁ ନେଇଥିଲେ ବୋଲି ମୃତକଙ୍କ ସ୍ତ୍ରୀ ଜ୍ୟୋତି ବିଶ୍ୱାଳ କହିଛନ୍ତି। ଗତ ୭ ତାରିଖ ରାତିରେ ଜୟସିଂ ଝାଡ଼ା ଯାଉଛି ବୋଲି କହି ବାହାରକୁ ଯାଇଥିବାବେଳେ ଆଉ ଫେରି ନ ଥିଲେ। ପରଦିନ ସକାଳେ ଅନ୍ୟ ସାଥୀମାନେ ଖୋଜାଖୋଜି କରିବାରୁ ଜୟସିଂ ଏକ ଧାନ କ୍ଷେତରେ ମରିପଡ଼ିଥିବା ଦେଖି ଇଟାଭାଟି ମାଲିକଙ୍କୁ ଖବର ଦେଇଥିଲେ। ସେଠାକାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ଇଟାଭାଟି ମାଲିକ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ବରପାଲି ଗାଁକୁ ପଠାଇଥିଲେ।


ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି।

**ପ୍ରତିଶ୍ରୁତି ପରେ ହଟିଲା ଅବରୋଧ**

ଶୁକ୍ରବାର ମୃତଦେହ ଗାଁରେ ପହଞ୍ଚିବା ପରେ ପରିବାର ଲୋକେ ପାଇକମାଳ ଛକରେ ରାସ୍ତାରୋକୋ କରିଥିଲେ। ରେଡ୍‌କ୍ରସ ଓ ହରିଶ୍ଚନ୍ଦ୍ର ଯୋଜନାରୁ ଆବଶ୍ୟକ ଅର୍ଥ ପ୍ରଦାନ ଓ ଇଟା ମାଲିକ ତଥା ସରକାରଙ୍କ ପକ୍ଷରୁ ଯାହା ସୁବିଧା ଅଛି ଯୋଗାଇ ଦେବା ପାଇଁ ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନ ସମୟରେ ପାଇକମାଳ ଛକରେ ଦୁଇ ପ୍ଲାଟୁନ ଫୋର୍ସ, ପାଇକମାଳ ଥାନା ଆଇଆଇସି ସୁଶାନ୍ତ କୁମାର ପଧାନ, ତହସିଲଦାର ସିନ୍ଧୁସୁତା ପାତ୍ର, ପଦ୍ମପୁର ଥାନା ଆଇଆଇସି ମମତା ନାୟକ, ଜଗଦଲପୁର ଥାନା ଆଇଆଇସି କୈଳାସ ଚନ୍ଦ୍ର ପଧାନ, ଝାରବନ୍ଧ ଥାନା ଆଇଆଇସି କ୍ରିସେନସୀନ ସାମରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨ ଟ୍ରକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

**ହେମଗିର,୧୦।୧(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ସ୍ଥିତ କାଥିଡ୍ଡୁମୁରି ଠାରେ ୨ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଯୋଗୁ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ଜଣକ ହେଲେ ଝାରଖଣ୍ଡ ରାଜ୍ୟର ଧରମବିର। ଅନ୍ୟ ଜଣେ ଡ୍ରାଇଭର ଗୁରୁତର ହୋଇଛନ୍ତି। ସେ ହେଲେ ମୟୂରଭଞ୍ଜର ଇରଫାନ ମହାନ୍ତ। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ରୋକୋ କରିଥିଲେ। ଖବର ଲେଖା ହେବା ସୁଦ୍ଧା ରାସ୍ତା ରୋକୋ ଜାରି ରହିଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, କନିକା ପଟୁ ଆସୁଥିବା ଏକ ୧୬ ଚକିଆ ଟ୍ରକ( ନଂ.ଓଡି ୧୬ କେ ୭୬୫୬ ) ଓ ବସୁନ୍ଧରାରୁ କନିକା ଯାଉଥିବା ଏକ ୧୦ଚକିଆ ହାଇୱା ( ଓଡି ୨୩ କିୟୁ ୮୫୫୬) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହା ଫଳରେ ୧୦ଚକିଆ ଟ୍ରକର ଡ୍ରାଇଭର ଧରମବିରଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଆହତ ଇରଫାନଙ୍କୁ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ପୋଖରୀରେ ବୁଡ଼ି କନଷ୍ଟେବଲ ମୃତ

**ଲହୁଣୀପଡା,୧୦।୧(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରୁଗୁଡା ଗ୍ରାମର ଜଣେ ଯୁବକଙ୍କ ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ମୃତକ ହେଲେ ମହୁଲାପଦା ଥାନାର କନଷ୍ଟେବଲ ରାଜେଶ କୁମାର ପ୍ରଧାନ(୪୭)। ଘର ରୁଗୁଡା ଗ୍ରାମରେ ବୋଲି ଜଣାପଡିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂତ୍ରରୁ ପ୍ରକାଶ, ରାଜେଶ ଶୁକ୍ରବାର ମଧ୍ୟାହ୍ନରେ ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ପାଣି ଭିତରେ ପଡିଯାଇଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

### ଜୁଆଖେଳ ଉପରେ ଚଢ଼ାଉ: ୫ ଗିରଫ

**ଲହୁଣୀପଡା,୯।୧(ଦାଶରଥି ପଣ୍ଡା)** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଭୁତୁଡା ପଞ୍ଚାୟତ ଓଏମସି ନିକଟସ୍ଥ ଖଣ୍ଡାଧାର ଗୁରୁବାର ସାପ୍ତାହିକ ହାଟରେ ଜୁଆ ଅଡ୍ଡା ଉପରେ ପୋଲିସ ଅତର୍କିତ ଚଢ଼ାଉ କରି ୫ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନେ ହେଲେ ବାରସୁଆଁ ବାଙ୍କା ବଜାରର ଅରୁଣ ନାୟକ (୩୮), ଶ୍ୟାମ ସୁନ୍ଦର ବାରିକ (୩୧),ବାରସୁଆଁ ତଳ ବଜାରର କାର୍ତ୍ତିକ ପାତ୍ର(୩୪),ଖଣ୍ଡାଧାର ତାତୁ ହାଟିଙ୍ଗର ମନୋଜ ପାତ୍ର (୩୦) ଏବଂ ଭୁତୁଡା ଗ୍ରାମର ଗଣେଶ ପାତ୍ର(୩୩)। ଘଟଣାସ୍ଥଳରୁ ପୋଲିସ ୨୨ ହଜାରରୁ ଊର୍ଦ୍ଧ୍ୱ ନଗଦ ଟଙ୍କା, ଏକ ଟୋକେଇ,ଏକ ପଟି, ୬ଟି ଗୋଟି ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ଖଣ୍ଡାଧାର ସାପ୍ତାହିକ ହାଟରେ ଜୁଆ ଖେଳ ହେଉଥିବା ଲହୁଣୀପଡା ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଥାନା ଅଧିକାରୀ ସୁରଜ କୁମାର ଝାଙ୍କର, ଉପ ଅଧିକାରୀ ପ୍ରସନ୍ନ କୁମାର ଜେନାଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ଜୁଆ ଅାଡ୍ଡା ଉପରେ ଚଢ଼ାଉ କରିଥିଲା।



କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁତ୍ରା,୧୦।୧(ଦେବାଶିଷ ସାହୁ)**

କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଅମୁଲ୍ୟ କୁମାର ପ୍ରଧାନ ଯୋଗଦେଇ ତାଙ୍କ ବକ୍ତବ୍ୟ ମାଧ୍ୟମରେ ଲତା ମଙ୍ଗେସକର ଯେପରି ତାଙ୍କ ଜୀବନରେ ମାତ୍ର ଦିନକ ପାଇଁ ବିଦ୍ୟାଳୟ ଯାଇ ସାରା ବିଶ୍ୱବାସୀଙ୍କ ହୃଦୟରେ ରହିଛନ୍ତି ତାହାକୁ ନେଇ ଛାତ୍ରଛାତ୍ରୀଙ୍କୁ ବୁଝାଇବା ସହିତ ଏପିଜେ ଅବଦୁଲ କଲାମଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏଥିସହ ବିଦ୍ୟାଳୟର ନା ଯେମିତି ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ରହିଛି ସେହିଭଳି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍କୃଷ୍ଟ ରେଜଲ୍ଟ କରିବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ଯୁଗଳକିଶୋର ବିଶ୍ୱାଳ, ତହସିଲଦାର ପ୍ରମୋଦ କୁମାର ବାସ୍କେ, ବିଇଓ ଅଶୋକ କୁମାର ଲାକ୍ରା, ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା, ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ସମାଜସେବୀ କମଲ ଅଗ୍ରୱାଲ,ପୂର୍ବତନ ପ୍ରଧାନ ଶିକ୍ଷକ ଲାଲମୋହନ ନାୟକ, ଶୀବଶଙ୍କର ବେହେରା,ଏସଏମସି ସଭାପତି ମହେନ୍ଦ୍ର କୁଜୁର,ପ୍ରଭୂଦୟାଲ ଅଗ୍ରୱାଲ, ଆଲୁମିନି ସଭାପତି ଶଙ୍କର ପ୍ରଶାଦ ଟପ୍ପୋ, ଏବିଇଓ ଲକ୍ଷ୍ମଣ ଜାମୁଣ୍ଡା, ନିରଞ୍ଜନ ରାଉଳ, ପ୍ରଧାନ ଶିକ୍ଷକ ଅମରେଶ ସାହୁ, ଲୋକନାଥ ପ୍ରଧାନ, ନିତ୍ୟାନନ୍ଦ ବେହେରା, ହେମନ୍ତ କୁମାର ଦେ, ମହେନ୍ଦ୍ର ସିଂ, ରବୀନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ। ଶିକ୍ଷୟିତ୍ରୀ ଦୀପିକା କେର୍କେଟା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗୋଁଡ଼ ସମ୍ପ୍ରଦାୟ ପକ୍ଷରୁ ଶାମ୍ଭ ଦଶମୀ, ଜଙ୍ଘା ବଡ଼ଦେଓ ପୂଜା

**ଲହୁଣୀପଡ଼ା,୯।୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଖୁଣ୍ଟଗାଁ ପଞ୍ଚାୟତର ସାଧୁବାହାଲଠାରେ ଅବସ୍ଥିତ ଜଙ୍ଘା ମନ୍ଦିରଠାରେ ଷୋଡବଂଶୀ ଗୋଁଡ଼ କ୍ଷେତ୍ରିୟ ସମାଜ ପକ୍ଷରୁ ଶାମ୍ଭ ଦଶମୀ ଓ ଜଙ୍ଘା ବଡଦେଓଙ୍କ ପୂଜାର୍ଚ୍ଚନା ହୋଇଯାଇଛି। ବୁଧବାର କଳସ ଶୋଭାଯାତ୍ରାରେ ମହିଳାମାନେ ଧୂତି ଜଳାଶୟ ପୂର୍ଣ୍ଣ କଳସୀ ଧରି ଜଙ୍ଘା ବଡ଼ଦେଓ ମନ୍ଦିରରେ ପହଞ୍ଚି ଅଧିବାସ ପୂଜାର୍ଚ୍ଚନା କରିଥିଲେ। ଗୁରୁବାର ପୂଜା ଆରମ୍ଭ ହେବା ପୂର୍ବରୁ ପୂର୍ବତନ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ର ସାମାଜିକ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏକ ସାଧାରଣ ସଭା ପୂଜା କମିଟି ସଭାପତି ଅଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲାବେଳେ ଦୁର୍ଗା ପ୍ରସାଦ କୁମୁରା ପରିଚୟ ଓ ମଞ୍ଚପରିଚାଳନା କରିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ମୁଖ୍ୟ ବକ୍ତା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଜିଲାପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଞ୍ଜିତ କିସାନ, ଏମ୍‌ପି ପ୍ରତିନିଧି ମନୋଜ କୁମାର ପ୍ରଧାନ, ଲହୁଣୀପଡ଼ା(ଖ)ଜିଲାପରିଷଦ ସଭ୍ୟା ସୁଶୀଳା ନାୟକ, ଖୁଣ୍ଟଗାଁ ସରପଞ୍ଚ ସୁମିତ୍ରା ଚାରଦିଆ, ସମାଜ ସମ୍ପାଦକ ପ୍ରେମଚାନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଗୋଁଡ଼ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ବୟୋଜ୍ୟେଷ୍ଠ ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେମ ନାରାୟଣ କାଲୋ, ରହିନୁ ନାୟକ, କାର୍ତ୍ତିକ ନାୟକ, କେଶବ ନାୟକ, ଭାସ୍କର କୁମୁରା, ସମୀର ନାଏକ, ନୃପମଣି ମହାପାତ୍ର, ନିରାକାର ନାଏକ, ହାଡିବନ୍ଧୁ ନାଏକ, ବୋଇତ ପ୍ରଧାନ, ଆରତୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଙ୍ଘା ବଡ଼ଦେଓଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏଥିରେ ବଣେଇ ଉପଖଣ୍ଡର ବିଭିନ୍ନ ସ୍ଥାନରୁ ଗୋଁଡ଼ ସମ୍ପ୍ରଦାୟର ବହୁ ଲୋକ ଉପସ୍ଥିତ ଥିବା ଜଣାପଡ଼ିଛି। ସଭା ଶେଷରେ ଏକ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବିଜୁ ଏକ୍ସପ୍ରେସ୍ ୱେ ଟୋଲ୍ ଗେଟରେ ଫାସ୍ ଟ୍ୟାଗ ସେବା ଆରମ୍ଭ

**ସୁନ୍ଦରଗଡ,୧୦।୧(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ଜିଲାର ୨ଟି ଏଲ ଆଣ୍ଡ ଟି ବିଜୁ ଏକ୍ସପ୍ରେସ୍ ୱେର ଟୋଲେଗେଟରେ ଶୁକ୍ରବାର ମଧ୍ୟରାତ୍ରୀରୁ ଫାସ ଟ୍ୟାଗ ସେବା ଆରମ୍ଭ ହୋଇଯାଇଛି। ଜିଲାପାଳ ମନୋଜ ସତ୍ୟବାନ୍ ମହାଜନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସୁବିଧା ଦ୍ୱାରା ସାଧାରଣ ଜନତାଙ୍କ ଯାତ୍ରା ଆହୁରି ସହଜ, ସୁରକ୍ଷିତ ଓ ସୁବିଧାଜନକ ହେବ। ୩୧. ୦୧. ୨୦୨୫ ପର୍ଯ୍ୟନ୍ତ ଫାସ୍ ଟ୍ୟାଗ୍‌ରୁ କୌଣସି ଅତିରିକ୍ତ ରାଶି କଟାଯିବ ନାହିଁ। ଫାସ୍ ଟ୍ୟାଗ୍ ରିଚାର୍ଜ କରି ଟ୍ୟାଗ୍‌କୁ ବ୍ୟାଙ୍କ ସହ ଲିଙ୍କ୍ କରିବା ପାଇଁ ଆରଟିଓ ପକ୍ଷରୁ ସମସ୍ତ ଚାଳକଙ୍କୁ ସଚେତନ କରାଯାଉଛି। ଗେଟ୍‌ରେ ନଗଦ କାରବାରରୁ ଦୂରେଇ ରହିବା ସହ ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହିତ କରିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## ୨ ମୃତକଙ୍କ ପରିବାରକୁ ମିଳିଲା ଇଫ୍‌କୋ ଟାକିଓ କମ୍ପାନୀର ବୀମା ସହାୟତା

**ବଡ଼ଗାଁ,୧୦।୧(ଅଶୋକ ଷଡ଼ଙ୍ଗୀ)**



ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୨ ମୃତକଙ୍କ ପରିବାରକୁ ଦୁର୍ଘଟଣାଜନିତ ଇଫ୍‌କୋ ଟାକିଓ କମ୍ପାନୀର ଜନତା ଆକ୍ସିଡେଣ୍ଟାଲ ପଲିସିର ବୀମା ସହାୟତା ପ୍ରଦାନ କରାଯାଇଛି। ବଡ଼ଗାଁର ତୁଷାର ରଞ୍ଜନ ପାଣିଗ୍ରାହୀଙ୍କ ସଡ଼କ ଦୁର୍ଘଟଣାରେ ଗତବର୍ଷ ଜୁନ ୧ ତାରିଖରେ ମୃତ୍ୟୁ ଘଟିଥିଲା। ସେ ବଡ଼ଗାଁ ସମବାୟ ସମିତିରେ ଋଣ କରି ଜନତା ଆକ୍ସିଡେଣ୍ଟାଲ ପଲିସି ଅନ୍ତର୍ଭୁକ୍ତ ହୋଇଥିଲେ। ସେହିପରି ଦାଣ୍ଡଜମରା ଗ୍ରାମର ଉମ୍ବରୁଧର ବେହେରାଙ୍କ ବାମରାଠାରେ ଟ୍ରେନ ଦୁର୍ଘଟଣାରେ ଗତବର୍ଷ ସେପ୍ଟେମ୍ବର ୨୭ ତାରିଖରେ ମୃତ୍ୟୁ ଘଟିଥିଲା। ଉଭୟେ ବଡ଼ଗାଁ ସମବାୟ ସମିତିରେ ଋଣ କରି ଇଫ୍‌କୋ ଟାକିଓ କମ୍ପାନୀର ଜନତା ଆକ୍ସିଡେଣ୍ଟାଲ ପଲିସି ଅନ୍ତର୍ଭୁକ୍ତ ହୋଇଥିଲେ। ଶୁକ୍ରବାର ବଡ଼ଗାଁ ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ସମବାୟ ସମିତିର ସଭାପତି ଭୁଲକୁ ଠେମରିଆ, ଜିଲା ସମବାୟ ବ୍ୟାଙ୍କର ଡାଇରେକ୍ଟର ଓକିଲ ସୁଧୀର ରଞ୍ଜନ ପଟେଲ, ବଡ଼ଗାଁ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ଜେନାମଣି ମହାକୁଡ଼, ସମବାୟ ସମିତିର ଉପସଭାପତି ଅହଲ୍ୟା ଲାକ୍ରା, ଡାଇରେକ୍ଟର ଚିନ୍ତାମଣି ସାହୁ, ଆଲୋକ ପଟ୍ଟନାୟକ, ଧରଣୀଧର ସା ଓ କର୍ମଚାରୀଙ୍କ ଉପସ୍ଥିତିରେ ସ୍ୱର୍ଗତ ତୁଷାର ରଞ୍ଜନ ପାଣିଗ୍ରାହୀଙ୍କ ବାପା ପରମାନନ୍ଦ ପାଣିଗ୍ରାହୀ ଓ ସ୍ୱର୍ଗତ ଉମ୍ବରୁଧର ବେହେରାଙ୍କ ପୁଅ ରଞ୍ଜନ ବେହେରାଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ବୀମା ସହାୟତା ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା।

## ଅଶୋକ ସ୍ୱାଇଁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସମ୍ପାଦକ

**ସୁନ୍ଦରଗଡ,୧୦।୧(ଜୟ ନାରାୟଣ ମେଣ୍ଡୁଲି)**



ସୁନ୍ଦରଗଡ଼ ଜିଲା ଓକିଲ ସଂଘର ଅଶୋକ କୁମାର ସ୍ୱାଇଁ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ୫୩ ତମ ବାର୍ଷିକ ଅଧିବେଶନ ମାଲକାନଗିରି ଠାରେ ଡିସେମ୍ବର ୨୯ ଓ ତାରିଖରେ ୩୦ ତାରିଖରେ ଅନୁଷ୍ଠିତ ହୋଇଯାଇଥିଲା। ଚଳିତ ବର୍ଷ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ନିର୍ବାଚନ ବର୍ଷ ଥିଲା ଓ ଡିସେମ୍ବର ୩୦ରେ ମାଲକାନଗିରିରେ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ଗୁରୁଚରଣ ମହାନ୍ତିଙ୍କ ପରିଚାଳନାରେ ନିର୍ବାଚନ ପ୍ରକ୍ରିୟା ସମାପନ ହୋଇଯାଇଛି। ଏହି ନିର୍ବାଚନରେ ନିର୍ବାଚିତ ହେଉଥିବା କର୍ମକର୍ତ୍ତାଙ୍କ ଅବଧି କାଳ ୨ ବର୍ଷ। ଚଳିତ ବର୍ଷ ନିର୍ବାଚନରେ ଅଧ୍ୟକ୍ଷ ଭାବେ ବରିଷ୍ଠ ଆଇନଜୀବୀ ଜ୍ଞାନ ରଞ୍ଜନ ମହାନ୍ତି, ସଭାପତି ବରିଷ୍ଠ ଆଇନଜୀବୀ ଓଡ଼ିଶା ଉଚ୍ଚ ନ୍ୟାୟଳୟର ବିଭୂପ୍ରସାଦ ତ୍ରିପାଠୀ ନିର୍ବାଚିତ ହେଇଥିବା ବେଳେ ଜିଲା ଓକିଲ ସଂଘ, ସୁନ୍ଦରଗଡ଼ର ଅଶୋକ କୁମାର ସ୍ୱାଇଁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଅଶୋକ କୁମାର ସ୍ୱାଇଁ ବର୍ତ୍ତମାନ ସୁନ୍ଦରଗଡ ଜିଲା ଓକିଲ ସଂଘର ସମ୍ପାଦକ ଅଛନ୍ତି। ଅଶୋକ ଏହି ସଫଳତା ପାଇଁ ଜିଲା ଓକିଲ ସଂଘର ସମସ୍ତ ସଦସ୍ୟ ଓ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ଅଧ୍ୟକ୍ଷ୍ୟ ଜ୍ଞାନ ରଞ୍ଜନ ମହାନ୍ତିଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ସର୍ବଦା ଓକିଲ ସମାଜର ହିତ ପାଇଁ କାର୍ଯ୍ୟକରିବେ ଏଥିପାଇଁ ସେ ପ୍ରତିଶ୍ରୁତି ବଦ୍ଧ ଅଟନ୍ତି ବୋଲି ସ୍ୱାଇଁ କହିଛନ୍ତି।

## ଗ୍ରାମସଭା ଖାରଜ ପାଇଁ ଆର୍‌ଡିସିଙ୍କୁ ଦାବିପତ୍ର



**ହେମଗିର,୧୦।୧(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଝାରପଲମ ପଞ୍ଚାୟତ ମହାନଦୀ ମାଇନ୍ସ ଆଣ୍ଡ ମିନେରାଲ ପ୍ରାଇଭେଟ୍ ଲିମିଟେଡକୁ ଆବଣ୍ଟିତ କରାଯାଇଥିବା ବିଜାହାନ କୋଲବ୍ଲକ୍ ପାଇଁ ଆସନ୍ତା ଜାନୁଆରୀ ୨୨ରେ ଗ୍ରାମସଭା କରାଯିବାକୁ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଏନେଇ ଜିଲାପାଳଙ୍କ ଚିଠି ସଂଖ୍ୟା ୨୧୯୪, ତା ୩୦/୧୨/୨୪ ଦ୍ୱାରା ହେମଗିର ବିଡିଓଙ୍କ ନିର୍ଦ୍ଦେଶ ଅନୁସାରେ ପତ୍ର ସଂଖ୍ୟା ୩୧୮୫, ତା ୦୧/୦୧/୨୫ରେ ଆସନ୍ତା ୨୨ରେ ଗ୍ରାମସଭା ଆୟୋଜନ କରିବାକୁ ଝାରପଲମ ସରପଞ୍ଚଙ୍କୁ ଅବଗତ କରାଇଛନ୍ତି। ଅପରପକ୍ଷରେ ବିଜାହାନ କୋଲ ପାଇଁ ଝାରପଲମ ପଞ୍ଚାୟତର ଝାରପଲମ, ବିଜାହାନ, ଗିରିସିମା ଓ ଭୋଗ୍ରାକଚ୍ଛାର ଗ୍ରାମର ଜମି ଅଧିଗୃହୀତ ହେବାକୁ ଥିବାବେଳେ ୨୨ ତାରିଖ ଗ୍ରାମସଭା ପାଇଁ ଝାରପଲମ ଓ ଗିରିସିମା ଗ୍ରାମକୁ ବାଦ୍ ଦିଆଯାଇଥିବାରୁ ଝାରପଲମ ଓ ଗିରିସିମା ଗ୍ରାମବାସୀ ପ୍ରଶାସନର ଏଭଳି କାର୍ଯ୍ୟକୁ ତୀବ୍ର ବିରୋଧ କରିଛନ୍ତ। ଏନେଇ ଗିରିସିମା ଗ୍ରାମବାସୀ ଶୁକ୍ରବାର ଆରଡିସିଙ୍କୁ ଏକ ଦାବିପତ୍ର ଦେଇ ଆସନ୍ତା ୨୨ ତାରିଖ ଗ୍ରାମ ସଭାକୁ ଖାରଜ କରିବାକୁ ଦାବି କରିଛନ୍ତି। ନଚେତ ଗ୍ରାମସଭାକୁ ତୀବ୍ର ବିରୋଧ କରାଯିବାକୁ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଗିରିସୀମା ଗ୍ରାମର ସାଗର ମାଝୀ, ସୁରେନ୍ଦ୍ର କିଷାନ, ମନୋଜ ବଢେ଼, ହେମନ୍ତ ପଧାନ, ତପନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲିଶଙ୍କରା ଝିଅ ସନମ କରାଳି ଜୁନିୟର ମିସ୍ ଇଣ୍ଡିଆରେ ଦ୍ୱିତୀୟ




**ବାଲିଶଙ୍କରା,୧୦।୧(ହୃଦାନନ୍ଦ ବାରିକ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ପଞ୍ଚାୟତର ଉମାକାନ୍ତ କରାଳି ଓ ପିଙ୍କିପ୍ରିୟା ହାତୀଙ୍କ ଝିଅ ସନମ କରାଳି ଜୁନୟର ମିସ ଇଣ୍ଡିଆ ପ୍ରତିଯୋଗିତାରେ ଯୋଗଦେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସନମ କରାଳି ସୁନ୍ଦରଗଡ଼ ସେଣ୍ଟ ଟେରେସା ଇଂଲିଶ ମିଡିୟମ ସ୍କୁଲରେ ୪ର୍ଥ ଶ୍ରେଣୀରେ ପାଠପଢୁଛନ୍ତି। ଇନ୍ଦୋରରେ ଅନୁଷ୍ଠିତ ଜୁନିୟର ମିସ ଇଣ୍ଡିଆ ପ୍ରତିଯୋଗିତାରେ ଯୋଗଦେଇ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ୧୨୦ ଜଣ ପ୍ରତିଯୋଗୀ ମଧ୍ୟରୁ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ସସ, ଟ୍ରଫି, ପ୍ରମାଣ ପତ୍ର ଗତ ୫ ତାରିଖ ଏହି ଉପାଧି ପାଇଛନ୍ତି। ତାଙ୍କ କୃତିତ୍ୱରେ ବାଲିଶଙ୍କରା ତଥା ଓଡ଼ିଶାରେ ଚହଳ ସୃଷ୍ଟି କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ବଣାଇଁ,୧୦।୧(ପ୍ରଦୀପ ତ୍ରିପାଠୀ)**

ବଣାଇଁ ସହର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କାଶୀନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିବା ସହ ଛାତ୍ରୀଛାତ୍ରଙ୍କୁ ନିଷ୍ଠା ଓ ସାଧନାରେ ବ୍ରତୀ ହୋଇ ଭଲ ମଣିଷଟିଏ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ କୁମାର ମୁଣ୍ଡୁ, ବରିଷ୍ଠ ଆଇନଜୀବୀ ଲିଙ୍ଗରାଜ ମିଶ୍ର, କରେଇପୁଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଛନ୍ଦାଚରଣ ଡଗରା, ରୁଗୁଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରଲିଧର ବାଙ୍କ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ସାହୁ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷାବିତ ଜୟକୃଷ୍ଣ ପଟେଲ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କାଶୀନାଥ ବେହେରା ବାର୍ଷିକ ବୀବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ବର୍ଗର କ୍ରୀଡ଼ାରେ କୃତକାର୍ଯ୍ୟ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଉମେଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ।



## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମିନି ସାଇନ୍ସ ସେଣ୍ଟର ଉଦଘାଟିତ

**ଟେନସା,୧୦।୧(ସମୀର କୁମାର ପାଢ଼ୀ)**



ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଚୋରଧରା ପଞ୍ଚାୟତ ଅଧୀନ ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଶ୍ରୀ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଚୋର୍ଧରା ଉନ୍ନୀତ ହାଇସ୍କୁଲରେ ଏକ ମିନି ସାଇନ୍ସ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତକୁ ଅଧିକ ବୋଧଗମ୍ୟ କରିବା ଓ ଏଥିପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ସୃଷ୍ଟି କରିବା ଏହି ସେଣ୍ଟରର ଲକ୍ଷ୍ୟ। ସାଇନ୍ସ ସେଣ୍ଟରକୁ ଉଦ୍‌ଘାଟନ କରିବା ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ପ୍ରେସିଡେଣ୍ଟ ଓ ଗ୍ରୁପ୍ ମୁଖ୍ୟ (ସିଏସଆର) ପ୍ରଶାନ୍ତ ହୋତା ମାନବ ସଭ୍ୟତାର ବିକାଶରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହା ସହିତ ସେ ଛାତ୍ରୀଛାତ୍ରଙ୍କୁ ଗବେଷଣାମନସ୍କ ହେବା ପାଇଁ ପରାମର୍ଶ ଦେଇଥିଲେ। ଅପହଞ୍ଚ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ପହଞ୍ଚାଇବା ପାଇଁ ଅସରନ୍ତି ପ୍ରେରଣା ଯୋଗାଉଥିବାରୁ ଏହି ଅବସରରେ ଶ୍ରୀ ହୋତା ଜିନ୍ଦଲ ଫାଉଣ୍ଡେଶନର ଅଧକ୍ଷା ଶାଲୁ ଜିନ୍ଦଲଙ୍କୁ କୃତଜ୍ଞତା ଜଣାଇଥିଲେ। କୋଇଡ଼ା ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରା, ଟେନସା ମାଇନ୍ସ ୟୁନିଟ ହେଡ ଆର.ଏସ. ରଘୁବଂଶୀ, ଟେନସା କ୍ଲଷ୍ଟର ସିଆରସିସି ପ୍ରଶାନ୍ତ କୁମାର ପରିଡ଼ା, ଚୋର୍ଧରା କ୍ଲଷ୍ଟର ସିଆରସିସି ଭାରତ ରଞ୍ଜନ ମହାନ୍ତି, ପ୍ରଧାନଶିକ୍ଷକ ଗାନ୍ଧାରୀ ଟପ୍ପୋ, ଜେଏସପି ବଡବିଲ ୟୁନିଟର ସିଏସଆର ମୁଖ୍ୟ ଭର୍ଜିଲ ଲାକ୍ରା ଏହି ଅବସରରେ ଉପସ୍ଥିତ ଥିଲେ।ଏହି ମିନି ସାଇନ୍ସ ସେଣ୍ଟର ପ୍ରତିଷ୍ଠା ପାଇଁ ସହାୟତା ଯୋଗାଇଥିବାରୁ ବ୍ଲକ ଶିକ୍ଷା ଅଧିକାରୀ ବେହେରା ଜିନ୍ଦଲ ଫାଉଣ୍ଡେଶନକୁ ପ୍ରଶଂସା କରିଥିଲେ। ଜିନ୍ଦଲ ଫାଉଣ୍ଡେଶନର ଏଭଳି ଅଭିନବ ପଦକ୍ଷେପ ପାଇଁ ସେ ଧନ୍ୟବାଦ ଦେଇଥିଲେ। ଏହି ସାଇନ୍ସ ସେଣ୍ଟର ସ୍କୁଲଗୁଡ଼ିକରେ ବିଜ୍ଞାନ ଶିକ୍ଷାର ବିକାଶ କରିବ ବୋଲି ସେ ତାଙ୍କ ଅଭିଭାଷଣରେ କହିଥିଲେ। ଏହି ମିନି ସାଇନ୍ସ ସେଣ୍ଟରରେ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ୮୦ଟି ଲାଇଭ ମଡେଲ ରହିଛି। ଏହି କେନ୍ଦ୍ରରେ ଛାତ୍ରୀଛାତ୍ର ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନର ଅନେକ କଷ୍ଟକର ଥିଓରି ସହଜରେ ବୁଝି ପାରିବେ। ଜିନ୍ଦଲ ଫାଉଣ୍ଡେଶନର ଏହି ପଦକ୍ଷେପ ପାଇଁ ପିଲାମାନେ ବେଶ ଖୁସି ପ୍ରକାଶ କରିଥିବା ବେଳେ ଏଠାରେ ଲାଇଭ ମଡେଲ ଦ୍ୱାରା ବିଜ୍ଞାନ ପଢ଼ିବା ପାଇଁ ବେଶ ଉତ୍ସାହିତ ଅଛନ୍ତି।

# ଅଙ୍ଗନୱାଡି କେନ୍ଦ୍ରକୁ ବାସନ ଯୋଗାଣରେ ଅନିୟମିତତା

ଦେବଗଡ଼,୧୦।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଯୋଗାଇ ଦିଆଯାଉଥିବା ବାସନ ଯୋଗାଣରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଏ ନେଇ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଆପତି ଉଠାଉଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ସେମାନଙ୍କୁ ନାଲି ଆଖି ଦେଖାଉଥିବାରୁ କାର୍ଯ୍ୟାନୁଷ୍ଠାନ ଭୟରେ ସେମାନେ ଚୁପ ରହୁଥିବା ଶୁଣିବାକୁ ମିଳୁଛି। ତେବେ ଏକଥା ସାମ୍ନାକୁ ଆସିବା ପରେ ଜିଲାର ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ ଜିଲାର ତିଲେଇବଣି ବ୍ଲକ(ଦେବଗଡ ପୌରାଞ୍ଚଳ ସମେତ)ର ୨୮୯, ବାରକୋଟ ବ୍ଲକର ୨୫୬ ଓ ରିଆମାଳ ବ୍ଲକର ୨୫୫ଟି ଅଙ୍ଗନୱାଡି କେନ୍ଦ୍ରକୁ ମିଶାଇ ଜିଲାରେ୮୦୦ ଗୋଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ତେବେ ଏଥିମଧ୍ୟରୁ ମୋଟ ୭୨୩ଟି ଅଙ୍ଗନୱାଡି କେନ୍ଦ୍ରକୁ ନୂତନ ବାସନ ଯୋଗାଇବା ନିମନ୍ତେ ସରକାରଙ୍କ



ପକ୍ଷରୁ ଟେଣ୍ଡର କରାଯାଇଥିଲା। ଏଥିରେ ଯୋଗ୍ୟ ବିବେଚିତ ଯୋଗାଣକାରୀ ସଂସ୍ଥା ୭୨୩ଟି ଅଙ୍ଗନୱାଡି କେନ୍ଦ୍ର(ପ୍ରତ୍ୟେକ)କୁ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ୯ ହଜାର ଟଙ୍କା ମୂଲ୍ୟର ବାସନ ଯୋଗାଇ ଦେବାକଥା। ସେହିପରି ଯୋଗାଣକାରୀ ସଂସ୍ଥା ନିଜ ଖର୍ଚ୍ଚରେ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଉପରୋକ୍ତ ବାସନ ପହଞ୍ଚାଇବା କଥା। ମାତ୍ର ସମ୍ପୃକ୍ତ ଯୋଗାଣକାରୀ ସଂସ୍ଥା ଧାର୍ଯ୍ୟ ମାନ ଅନୁଯାୟୀ ବାସନ ଯୋଗାଇବା ପରିବର୍ତ୍ତେ ନିମ୍ନମାନର ତଥା ଅଳ୍ପ ମୂଲ୍ୟର ବାସନ ଯୋଗାଉଥିବା ଅଭିଯୋଗ ହୋଇଛି। ସେହିପରି ଉକ୍ତ ସଂସ୍ଥା ବିଧି ଅନୁଯାୟୀ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚାଇବା ପରିବର୍ତ୍ତେ ସେକ୍ଟର ପଏଣ୍ଟରେ ବାସନଗୁଡିକୁ ପହଞ୍ଚାଇ

**ଭିଜିଲାନ୍ସ ତଦନ୍ତ ଦାବି**

ନିଜର ଦାୟିତ୍ୱ ସାରି ଦେଉଛି। ଫଳରେ ଅଙ୍ଗନୱାଡି କର୍ମୀ ମାନେ ହଇରାଣ ହରକତ ହେବା ସହ ନିଜ ହାତରୁ ଅର୍ଥ ଏବଂ ସମୟ ଖର୍ଚ୍ଚ କରି ଉକ୍ତ ବାସନକୁ ସଂଗ୍ରହ କରି ନିଜ କେନ୍ଦ୍ରକୁ ନେଉଛନ୍ତି। ତେବେ ଏ ନେଇ ଆପତି ଉଠାଇଲେ କେତେକ ନିର୍ଦ୍ଦିଷ୍ଟ ଅଧିକାରୀ ସେମାନଙ୍କୁ କାର୍ଯ୍ୟାନୁଷ୍ଠାନର ଭୟ ଦେଖାଉଥିବାରୁ ସେମାନେ ବାଧହୋଇ ଚୁପ ରହୁଥିବା ଦେଖିବାକୁ ମିଳୁଛି। ଇତିମଧ୍ୟରେ ତିଲେଇବଣି ବ୍ଲକର ୨୮୯ଟି ଓ ରିଆମାଳ ବ୍ଲକର ୨୫୫ଟି ଅଙ୍ଗନୱାଡି କେନ୍ଦ୍ରରେ ବାସନ ପହଞ୍ଚି ସାରିଥିବା ବେଳେ ବାରକୋଟ ବ୍ଲକରେ ବାସନ ବିତରଣ ଜାରି ରହିଛି। ମାତ୍ର ବିଡମ୍ବନାର ବିଷୟ ଏହା ଯେ, ଉକ୍ତ ଯୋଗାଣକାରୀ ସଂସ୍ଥା କୌଣସି ଗୋଟିଏ ବି ଅଙ୍ଗନୱାଡି କେନ୍ଦ୍ରରେ ବାସନ ନ ପହଞ୍ଚାଇ ଜିଲାରେ ଥିବା ୨୭ଟି ସେକ୍ଟର ପଏଣ୍ଟ ଏଗୁଡିକୁ ପହଞ୍ଚାଇ ନିଜର କାର୍ଯ୍ୟ ସାରି ଦେବା ସହ ଗାଡିଭଡା ବାବଦ ଅର୍ଥ ବଞ୍ଚାଇ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ବର୍ତମାନ ବାରକୋଟ ବ୍ଲକରେ ବାସନ ଯୋଗଣ ଚାଲିଥିବା ବେଳେ ଏ ସମ୍ପର୍କରେ ଉକ୍ତ ବ୍ଲକ ସିଡିପିଓ ଲିଲି ପ୍ରଧାନଙ୍କ ମତାମତ ଲୋଡିବାରୁ ସେ ନିଜର ଅସହାୟତା ପ୍ରକାଶ କରି ଉପରେ ସ୍ଥରରେ ନିଷ୍ପତ୍ତି ହୋଇଥିବାରୁ କେଉଁ ସଂସ୍ଥା ବାସନ ସପ୍ଲାଇ କରୁଛି ଓ କେତେଟଙ୍କ ମୂଲ୍ୟର ସପ୍ଲାଇ କରୁଛି ତାହା ସେ ଜାଣନ୍ତି ନାହିଁ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ସଂସ୍ଥା ତାଙ୍କ ବ୍ଲକର ସେକ୍ଟର ପଏଣ୍ଟ ଗୁଡିକରେ ବାସନ ପହଞ୍ଚାଉଥିବା ଏବଂ କର୍ମୀମାନେ ଏଗୁଡିକୁ ସଂଗ୍ରହ କରି ନିଜ କେନ୍ଦ୍ରକୁ ନେଉଥିବା ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ମତାମତ ପାଇଁ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ କଲ ରିସିଭ କରୁ ନ ଥିବାରୁ ତାଙ୍କର ମତାମତ ମିଳିପାରିନାହିଁ। ତେବେ ସେ ଯାହା ହେଉନା କାହିଁକି ଭିଜିଲାନ୍ସ ବଭାଗ ଦ୍ୱାରା ଏହି ଘଟଣାର ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ବୁଢ଼ା ପଥର-ଲଣ୍ଡାବୀର ବାବାଙ୍କଠାରେ ଛାଗବଳି



ବୁଢ଼ାପଥର-ଲଣ୍ଡାବୀର ବାବାଙ୍କ ବାର୍ଷିକ ପୂଜାରେ ଝାଙ୍କର ଛାଗବଳି ପାଇଁ ପ୍ରସ୍ତୁତ ହେଉଛନ୍ତି।

ସମ୍ବଲପୁର,୧୦।୧(ଭବାନୀ ଶଙ୍କର ଭୋଇ)

**ଶାସନ ନିକଟସ୍ଥ ସଢାସିଙ୍ଘା ଠାରେ ବାବାଙ୍କ ବାର୍ଷିକ ପୂଜା ସମ୍ପନ୍ନ**

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଶାସନ ନିକଟସ୍ଥ ସଢାସିଙ୍ଘାଠାରେ ଶୁକ୍ରବାର ଗାଁ ଦେବତା ବୁଢ଼ାପଥର-ଲଣ୍ଡାବୀର ବାବାଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ମନସ୍କାମନା ପୂରଣ ପାଇଁ ଗ୍ରାମ ଦେବତା ବୁଢ଼ା ପଥର ଲଣ୍ଡାବୀର ବାବାଙ୍କୁ ପୀଠରେ ଛାଗ ବଳି ଦେବାର ପରମ୍ପରା ରହିଛି। ପୂଜାର୍ଚ୍ଚନା ପାଇଁ ଗାଁର ସମସ୍ତ ପରିବାର ପୂଜା ସାମଗ୍ରୀ ଧରି ପହଞ୍ଚି ଥିଲେ। ଏହାପରେ ଗ୍ରାମପୂଜକ ଅଶୋକ ଝାଙ୍କର ସହଯୋଗୀ ସୀତାରାମ ପଟାଙ୍କ ସହ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ମନସ୍କାମନା ପୂରଣ ପାଇଁ ଆସିଥିବା ଛାଗଗୁଡିକୁ ଗ୍ରାମଦେବତାଙ୍କ ଠାରେ ସମର୍ପଣ କରାଯାଇଥିଲା। ଛାଗଗୁଡ଼ିକୁ ବଳି ଦିଆଯିବା ପରେ ଏହାକୁ ପ୍ରସାଦ ଭାବେ ସମସ୍ତ ଘରେ ବଣ୍ଟନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ପୁଷ ମାସ ଉଜଲ ପକ୍ଷ ଦଶମୀ ତିଥିରେ ଏହି ଗ୍ରାମଦେବତା ପୂଜାର୍ଚ୍ଚନା କରାଯାଇଥାଏ। ପୂଜା ଆୟୋଜନରେ ସୁରଜ ନନ୍ଦ, ଅମନ ବାଗ, ବିଜୟ ଷଡ଼ଙ୍ଗୀ, ବୁଲୁ ପଟା, ମୁନୁ ମରେଇ, ସନାତନ ପ୍ରଧାନ,ସତ୍ୟ ନାରାୟଣ ଷଡ଼ଙ୍ଗୀ ପ୍ରମୁଖ ସାମିଲ ହୋଇଥିଲେ।

**ସଂକ୍ଷେପରେ**

## ଶିକ୍ଷକଙ୍କ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିଲା ଶିକ୍ଷକ ସଂଘ

ସମ୍ବଲପୁର,୧୦।୧(ବି.ଶଙ୍କର)

ସମ୍ବଲପୁର ଜିଲାରେ ଦୀର୍ଘଦିନ ହେବ ଶିକ୍ଷକମାନଙ୍କ ବିବିଧ ସମସ୍ୟା ରହିଛି। ସମସ୍ୟାର ସମାଧାନ ସକାଶେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ-୫ ଖାରବେଳ ନଗର ସମ୍ବଲପୁର ଜିଲା ଶାଖା କର୍ମକର୍ତ୍ତାମାନେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସାକ୍ଷାତ କରିବା ସହ ଆଲୋଚନା କରିଛନ୍ତି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଓଡ଼ିଶା ସାଧାରଣ ସମ୍ପାଦକ ତଥା ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ସଂଘର ସଚିବ ବବ୍ରୁବାହନ ଭୋଇ, ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ସଂଘର ସଭ୍ୟ ଜୟନ୍ତୀ ଦେବତା, ରାଜ୍ୟ ସଂଗଠନ ସମ୍ପାଦକ ଉପେନ୍ଦ୍ର ସ୍ୱାଇଁ, ସଭ୍ୟ ମାଳା ଡାଏରି ଓ ରଞ୍ଜୁରାଣୀ ପଟ୍ଟନାୟକ ପ୍ରତିନିଧି ଦଳରେ ସାମିଲ ଥିଲେ । ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ନୂତନ ବର୍ଷର ଅଭିନନ୍ଦନ ଜଣାଇ ଜିଲା ସ୍ତରୀୟ ବିଭିନ୍ନ ପ୍ରକାରର ଶିକ୍ଷକମାନଙ୍କ ସମସ୍ୟାଗୁଡିକ ଉପରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ, ଦୀର୍ଘ ଦିନଠାରୁ ଶିକ୍ଷକମାନଙ୍କର ପଦୋନ୍ନତି କାର୍ଯ୍ୟ ଆଗେଇ ପାରୁ ନାହିଁ । ଯଦ୍ୱାରା ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ସେହିପରି ରାଜ୍ୟ ସରକାର ପୁରୁଣା ପେନସନ ଲାଗୁ କରିବାକୁ ଶିକ୍ଷକମାନେ ଦାବି କରି ଆସୁଛନ୍ତି ।

# ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ପାଇଁ ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ଦେବଗଡ଼,୧୦।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସେବା ସଂଘ ଓ ଜିଲା କ୍ରୀଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୭ ତାରିଖରୁ ୨୯ ପର୍ଯ୍ୟନ୍ତ ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲ ଖେଳ ପଡ଼ିଆଠାରେ ଆୟୋଜିତ ହେବ ଉଭୟ ରାଜ୍ୟସ୍ତରୀୟ ଓ ଜିଲାସ୍ତରୀୟ ପୁରୁଷ କବାଡ଼ି ପ୍ରତିଯୋଗୀତା। ଉଦ୍‌ଯାପନୀ ଦିବସରରେ ସମ୍ବଲପୁର ମହିଳା କବାଡି ଦଳ ଓ ରାଉରକେଲା ମହିଳା କବାଡି ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କବାଡି ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ସଫଳ ପରିଚାଳନା ପରିପ୍ରେକ୍ଷୀରେ ହାଇସ୍କୁଲର ପୁରାତନ ଛାତ୍ରାବାସ ଗୃହରେ ଦେବଗଡ଼ ସେବା ସଂଘ ଓ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଦେବଗଡ଼ ସେବା ସଂଘ ସଭାପତି ଧର୍ମେନ୍ଦ୍ର କୁମାର ଦେବତାଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଡାକ୍ତର ସୁଶୀଳ କୁମାର ମହାପାତ୍ର କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାକ୍ତନ କବାଡି ଖେଳାଳି ତଥା ପ୍ରଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକ, କ୍ରୀଡ଼ାବିତ ପ୍ରଦୀପ କୁମାର ଅମାନ୍ତ, କିଶୋର ଚନ୍ଦ୍ର ଦାସ, ପ୍ରଦୀପ ଛତ୍ରିଆ, ସୁରେନ ନାୟକ, ମୋତିଲାଲ ଶର୍ମା, ଆଲୋକ କୁମାର



ଅମାନ୍ତ, ଦିଲୀପ କୁମାର ବେହେରାଙ୍କ ସମେତ ଜିଲା କ୍ରୀଡା ସଂସଦର ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ ଓ ଡିଲେଶ୍ୱର ପ୍ରଧାନଙ୍କ ସମେତ ଦେବଗଡ ସେବା ସଂଘର ବହୁସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅତିଥିମାନେ ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବହୁ ପୁରୁଷ ଏବଂ ମହିଳା କବାଡି ଖେଳାଳି ଓ ପ୍ରଶିକ୍ଷକ ପ୍ରଶିକ୍ଷିକା ମଧ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଦେବଗଡ କବାଡି ଦଳ ସମେତ ରାଜ୍ୟର ସମ୍ବଲପୁର, ଝାରସୁଗୁଡା, ଗଞ୍ଜାମ, ସୁନ୍ଦରଗଡ଼, ରାଉରକେଲା, ଅନୁଗୋଳ, ଯାଜପୁର, କଟକ ଓ ଭୁବନେଶ୍ୱର ଆଦି ୧୦ଟି କବାଡି ଦଳ ଅଂଶଗ୍ରହଣ କରିବେ। ସେହିପରି ଜିଲାସ୍ତରରରେ ଦେବଗଡ଼ ଜିଲାର ୧୦ଟି ଦଳ ଅଂଶଗ୍ରହଣ କରିବେ। ୨୯ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହା ପୂର୍ବରୁ ସମ୍ବଲପୁର ମହିଳା କବାଡି ଦଳ ଓ ରାଉରକେଲା ମହିଳା କବାଡି ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଦେବଗଡ଼ ସେବା ସଂଘ ପକ୍ଷରୁ ସୂଚନା ମିଳିଛି।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ବିକ୍ଷୋଭ

କୁଚିଣ୍ଡା,୧୦।୧(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ସୁବର୍ଣ୍ଣପାଲି ଗ୍ରାମର ଖବରଦାତା ଅଶ୍ୱିନୀ ମହାକୁଳଙ୍କୁ ମାଡମାରି ହତ୍ୟା ଧମକ ଦେଇଥିବା ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛି ସାମ୍ବାଦିକ ସଂଘ। ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ ବେହେରାଙ୍କ ନେତୃତ୍ୱରେ ଶୁକ୍ରବାର ସମ୍ବଲପୁର ଏସ୍‌ପିଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳ ଓ କୁଚିଣ୍ଡା ଏସ୍‌ଡିପିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୨୪ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନଗଲେ ସାମ୍ବାଦିକ ସଂଘ ଜିଲାସ୍ତରରେ ଜୋରଦାର ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। କୁଚିଣ୍ଡା ଥାନା ଅଧିନସ୍ଥ ସୁବର୍ଣ୍ଣପାଲି ଗ୍ରାମରେ ଏକ ହଷ୍ଟେଲ ପାଚେରୀ ନିର୍ମାଣ ଚାଲିଛି। ଏହାକୁ ନେଇ ବିବାଦ ଉଠିବାରୁ ଗତ ୬ରେ ଖବରଦାତା ଅଶ୍ୱିନୀ ମହାକୁଳ ଏହାର ଫଟୋ ଉତ୍ତୋଳନ କରିଥିଲେ। ଏହାକୁ ନେଇ ସୁବର୍ଣ୍ଣପାଲି ଗ୍ରାମର ସଚ୍ଚିଦାନନ୍ଦ ଖୁଣ୍ଟିଆ ଅଶ୍ୱିନୀଙ୍କୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରି ମାଡମାରି ଜୀବନରୁ ମାରିଦେବାକୁ ହତ୍ୟା ଧମକ ଦେଇଥିଲେ।

# କୁକୁଡ଼ା ପାଳନ ଦକ୍ଷତା ଅଭିବୃଦ୍ଧି ତାଲିମ ଶିବିର

ଝାରସୁଗୁଡ଼ା,୧୦।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବାଗଡ଼ିହି ବନାଞ୍ଚଳ ପକ୍ଷରୁ ଭୀମଜୋର ରାଜୀବ ଗାନ୍ଧୀ ଭବନଠାରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୨ ମାଧ୍ୟମରେ ବୁଧବାର ପୂର୍ବାହ୍ନରେ କୁକୁଡ଼ା ପାଳନ ଦକ୍ଷତା ଅଭିବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ନାଏକ ଙ୍କ ତତ୍ତ୍ୱାବଧାନରେ ୫ଟି ବନ ସୁରକ୍ଷା ସମିତି ଭୀମଯୋର, ହଣ୍ଡାତୋପ, ଭଉଁରା, ପିତାମାଲ ଏବଂ ଦେଓପାନ ବନ ସୁରକ୍ଷା ସମିତିର ଅତି ଗରିବ ବ୍ୟକ୍ତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳାମାନେ ତାଲିମ ନେଇଥିଲେ। ବନାଞ୍ଚଳ ଅଧିକାରୀ ନାଏକ ବନ ସୁରକ୍ଷା ସମିତି ଲୋକମାନେ କୁକୁଡ଼ା ପାଳନ କରିବେ ଓ କିପରି ଆତ୍ମନିର୍ଭରଶୀଳ ହେବେ, ତା ସହିତ ଜଙ୍ଗଲ ଉପରେ ନିର୍ଭର କମେଇବେ ସେ ବିଷୟରେ ଆଲୋଚନା କରିଥିଲେ। ଶିବିରରେ କିର୍ମିରା ପଶୁସମ୍ପଦ ବିଭାଗର ଅଧିକାରୀଣି ଡକ୍ତର ସବିତା ଲାକ୍ରା ଏବଂ ଉପଅଧିକାରୀ ଡାକ୍ତର ରୁଦ୍ର ଲକ୍ଷ୍ମୀ ବିଜୟ କେତନ ପାତ୍ର ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ବୁଝାଇବା ସହିତ ସରକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ। ଆଦର୍ଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ବଲପୁର ସମ୍ପାଦକ ପ୍ରଦୀପ କୁମାର ବେହେରା ଏବଂ ଝାରସୁଗୁଡ଼ା ବନଖଣ୍ଡରୁ ଆସିଥିବା ଏସ୍‌ଏମ୍‌ଏସ୍ ସୁଶୀଲ କୁମାର ପାତ୍ର ଏବଂ ରାଘବ ରଞ୍ଜନ ଦାଶ, ଫରେଷ୍ଟର ମୁରାରୀ ପ୍ରସାଦ ସାହୁ ଜଙ୍ଗଲ ସୁରକ୍ଷା ସହିତ କୁକୁଡ଼ା ପାଳନ କରି ବନ ସୁରକ୍ଷା ସମିତିସ୍ତରରେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ବାଗଡ଼ିହି ବନାଞ୍ଚଳର ଟିମ ଲିଡର ଚୁଡାମଣି ବେହେରା, ଡିଓଏନଆରଏମ ଭକ୍ତି ଜେନା, ଡିଓସିଡିଏଲ ସତ୍ୟସ୍ମିତ ବେହେରା, ଡିଇଓ ଗତିଶ ଚନ୍ଦ୍ର ନାଏକ, ସୁଶୀଲ ମହାପାତ୍ର, କୋଷାଧ୍ୟକ୍ଷ ବିକାଶ ରଂଜନ ବେହେରା ଏବଂ ପାଞ୍ଚ ଗୋଟି ବନ ସୁରକ୍ଷା ସମିତିର ଆନିମେଟର ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ।

# ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଝାରସୁଗୁଡ଼ା,୧୦।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ଷ୍ଟାଡିୟମ୍ ପରିସରରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ୫୧ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅଧକ୍ଷା ଡ. ସ୍ନେହଲତା ମିଶ୍ର ଧ୍ୱଜଉତ୍ତୋଳନ କରି ଶିକ୍ଷା ସହିତ ଶାରୀରିକ ବ୍ୟାୟାମ ତଥା ଖେଳକୁଦର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରମାନଙ୍କୁ ଅନୁପ୍ରାଣୀତ କରିଥିଲେ। ମହାବିଦ୍ୟାଳୟ ଖେଳ ଶିକ୍ଷକ ମାନସ ରଞ୍ଜନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ପ୍ରତିଯୋଗିତା ବେଲପାହାଡ଼ ଜୁନିୟର କଲେଜ ଖେଳ ଶିକ୍ଷକ ହେମନ୍ତ ପ୍ରଧାନ,



ବିଜୟୀ ପ୍ରତିଯୋଗୀ ଓ ଅତିଥି।

କଟାପାଲି କଲେଜ ଖେଳ ଶିକ୍ଷକ ବିବେକାନନ୍ଦ ପ୍ରଧାନ, ସ୍ଥାନୀୟ ଡିଏଭିର ବିଜୟ କୁମାର ଦାସ, ମହାନଦୀ କୋଇଲା କମ୍ପାନୀର କମ୍ପ୍ୟୁଟର ବେହେରା ଓ ବିସିଆରଏସ ପଖରୁ ଯାଉଜା ଲାକରା ଖେଳ ପରିଚାଳନା କରିଥିଲେ। ୫୧ତମ କ୍ରୀଡ଼ା ଉତ୍ସବରେ ଯୁକ୍ତ୨ ବାଳକ ବିଭାଗରେ ରମଣ ପ୍ରଧାନ ଓ ବାଳିକା ବିଭାଗରେ ଗାୟତ୍ରୀ କିଷାନ ଚାମ୍ପିୟନ ହୋଇଥିବା ବେଳେ ଯୁକ୍ତ ୩ ବାଳକ ବିଭାଗରେ ରବିନ ଏକ୍କା ଓ ବାଳିକା ବିଭାଗରେ ଭୂମିସୁତା ପ୍ରଧାନ ଚାମ୍ପିୟନ ହୋଇଥିଲେ। ଅଧ୍ୟାପିକା ସୋନାଲି ସାମରିଆ ଓ ସ୍ୱାଗତିକା ବାରିକଙ୍କ ସଂଯୋଜନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଭାବେ ପ୍ରାଧ୍ୟାପକ ବିଜ୍ଞାନ ଭୂଷଣ ଭଞ୍ଜ ଯୋଗଦେଇ ଥିବାବେଳେ ଅଧ୍ୟାପକ ହିମାଂଶୁ ଶେଖର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

# କଟନି ଛଟନି ବନ୍ଦ ପାଇଁ ଜିଲା କୃଷକ ସଂଘର୍ଷ ସଂଘର ଦାବି

ଦେବଗଡ଼,୧୦।୧(ଶଶାଙ୍କ ଶେଖର ଝାଙ୍କର)

ସରକାରଙ୍କ ନିୟମ ଅନୁଯାୟୀ ଧାନକିଣା କ୍ଷେତ୍ରରେ ରାଜ୍ୟରେ କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ମାତ୍ର ବିଡମ୍ବନାର ବିଷୟ ଏହା ଯେ, ଦେବଗଡ଼ ଜିଲାରେ କୁଇଣ୍ଟାଲ ପିଛା ସାଢେ ୪ରୁ ୫ କିଲୋ ପର୍ଯ୍ୟନ୍ତ ଧାନ କଟନି ଛଟନି କରାଯିବା ସହ ମିଲକୁ ଧାନ ଆଣିବାକୁ ଚାଷୀମାନଙ୍କୁ ବାଧ କରାଯାଉଛି। ଏହାର ପ୍ରତିବାଦରେ ଶୁକ୍ରବାର ଦେବଗଡ଼ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ସହ ଏଭଳି ଅନିୟମିତତାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ରମଙ୍କ ନେତୃତ୍ୱରେ ବହୁ ଚାଷୀ ଓ କୃଷକ ନେତା ଦେବଗଡ଼ସ୍ଥିତ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଭାରପ୍ରାପ୍ତ ଯୋଗାଣ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା କୃଷକ ସଂଘର୍ଷ ସଂଘର ସଭାପତି ହେମ୍ରମଙ୍କ ସହିତ ସମ୍ପାଦକ ଗୁଣନିଧି ବେହେରା, ଅଲେଖ ନାଏକ, ରଜତ କୁମାର ସାହୁ ଓ ଆନନ୍ଦ କୁଲା ପ୍ରମୁଖ ଉପସ୍ଥିତ ଥିଲେ।

## ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ

ଦେବଗଡ଼,୧୦।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ନୂଆଁବାଲିରୋଇସ୍ଥିତ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧୀକ୍ଷକ ତଥା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମଖ୍ୟଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବିଭରଞ୍ଜନ ମହାନ୍ତି ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳିକା ବିଭାଗରେ ସୁଷମା ପ୍ରଧାନ ଓ ବାଳକ ବିଭାଗରେ ନରେଶ ତିରିଆ ଚାମ୍ପିୟନ ହୋଇଥିଲେ। ପ୍ରତିଯୋଗିତା ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ନନ୍ଦିନୀ ସାହୁ ଓ ଶିକ୍ଷକ ମିଳନ କୁମାର ସାହୁ ପରିଚାଳନା କରିଥିଲେ । ଅପରାହ୍ନରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷକ ସୁଧିର କୁମାର ପ୍ରଧାନ, ଅରବିନ୍ଦ ପ୍ରଧାନ, ଶିକ୍ଷୟିତ୍ରୀ ଶୀଲାରାଣୀ ବାଖଲା, ନନ୍ଦିତା ସାହୁ ଓ ଶୁଭଲକ୍ଷ୍ମୀ ତ୍ରିପାଠୀ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ମ୍ୟାଟ୍ରୋନ ରୋଜମେରୀ ଲାକ୍ରା ଓ ସିସିଏ ସୁବ୍ରତ ନାୟକ ସକ୍ରୀୟ ସହଯୋଗ କରିଥିଲେ।

# ଜିଲାପାଳଙ୍କ ସହ ଆଲୋଚନା କଲେ ବିଧାୟକ

ଦେବଗଡ଼,୧୦।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଶୁକ୍ରବାର ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସହିତ ଆଲୋଚନା କରିଥିଲେ। ବିଧାୟକ ବିଶ୍ୱାଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଆଲୋଚନା କରି ଏକ ପତ୍ରପ୍ରଦାନ କରିଥିଲେ। ୧୮୮୬ରେ ସ୍ଥାପିତ ଦେବଗଡ଼ ଛାପାଖନାକୁ ବନ୍ଦ କରିବା ପାଇଁ ସରକାର ମସୁଧା କରୁଛନ୍ତି। ନିକଟରେ ୫ଟି ମେଶିନ ସ୍ଥାନାନ୍ତର କରିଥିବାରୁ ବିଧାୟକ ପ୍ରତିବାଦ ଜଣାଇବା ସହ ତୁରନ୍ତ ସମସ୍ତ ମେଶିନକୁ ଫେରାଇ ଆଣିବା ସହ ପୁରୁଣା କଲେକ୍ଟର ଗୃହକୁ ମ୍ୟୁଜିୟମ କରି ରଖିବା ପାଇଁ ଦାବି କରିଥିଲେ। ଏଥିସହିତ ଛାପାଖନା ବାରଣ୍ଡାରେ ପଡିଥିବା ଏକ ବହୁ ପୁରୁଣା ମେଶିନ ରକ୍ଷଣାବେକ୍ଷଣ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥି ସହିତ ଏକ ବର୍ଷ ପୂର୍ବେ ରାଜ୍ୟ ସରକାର ଗୁହିରା ଡ୍ୟାମ ନିମନ୍ତେ ବନ ବିଭାଗକୁ ଅର୍ଥ ଯୋଗାଇ ଦିଆଯାଇଥିଲା। ଉକ୍ତ ଅର୍ଥରେ ଏକ ବର୍ଷ ହେବ ସମସ୍ତ ବୋର୍ଟିଂ ସାମଗ୍ରୀ ଆଣାଯାଇ ରଖାଯାଇ ଥିଲେ ସୁଦ୍ଧା ଏହା କାର୍ଯ୍ୟକ୍ଷମ କରାଯାଉ ନାହିଁ। ତୁରନ୍ତ ପର୍ଯ୍ୟଟକଙ୍କ ପାଇଁ ଏହା କାର୍ଯ୍ୟକ୍ଷମ ପାଇଁ ଜିଲାପାଳଙ୍କ ନିକଟରେ ବିଧାୟକ ଦାବି କରିଛନ୍ତି। ଜିଲାର ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟକୁ ବହୁ ଲୋକ ଭୋଜି ପାଇଁ ଆସୁଥିବା ବେଳେ ପାନୀୟ ଜଳ ନିମନ୍ତେ ଅଧିକ ଟେପ ଯୋଗେ ପାଣିର ବ୍ୟବସ୍ଥା। ପୂର୍ବପରି ଧାନ ଗାଡିଗୁଡ଼ିକ ଟୋଲ ଗେଟରେ ମାଗଣା ଯିବା ଆସିବା ନିମନ୍ତେ ବିଧାୟକ ଦାବି କରିଥିଲେ। ବିଧାୟକ ଦୃଷ୍ଟି ଆକର୍ଷଣ କରିଥିବା ସମସ୍ତ ଦାବିଗୁଡିକ ପ୍ରତି ଜିଲାପାଳ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଦେବଗଡ଼,୧୦।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ସମ୍ପୃକ୍ତ ବିଭାଗ ଅଧୀନରେ ଥିବା ଉଚ୍ଚ ବିଦ୍ୟାଳୟଗୁଡିକୁ ନେଇ ଶୁକ୍ରବାର ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଶିକ୍ଷକ ସୁଧିର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତି ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ସମ୍ମାନତ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ଦାଶ ଓ କ୍ରୀଡ଼ା ଶିକ୍ଷୟିତ୍ରୀ ନନ୍ଦିନୀ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୌଡକୁଦ ସମେତ ଲମ୍ବଡିଆଁ, ଉଚ୍ଚଡିଆଁ ଆଦି ବିଭିନ୍ନ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

**ଜିଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ**

ହୋଇଥିଲା। ଏଥିରେ ବାଳକ ବିଭାଗ ବରିଷ୍ଠ ବର୍ଗରେ କଂସର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଆମିଷ ଭଦାୟୁଦ ଓ ହେମସାଗର ମହାନନ୍ଦ ଏବଂ ବାଳିକା ବିଭାଗ ବରିଷ୍ଠ ବର୍ଗରେ କଂସର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରୀନା ନାୟକ ଚାମ୍ପିୟନ ହୋଇଥିଲେ। ସେହିପରି ବାଳକ ବିଭାଗ କନିଷ୍ଠ ବର୍ଗରେ ଝରବାହାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ପବିତ୍ର କାଲୋ ଓ ବାଳିକା ବିଭାଗ କନିଷ୍ଠ ବର୍ଗରେ କଂସର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ନାୟକ ଚାମ୍ପିୟନ ହୋଇଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ମିଳନ କୁମାର ସାହୁ, ରୋହିତ କୁମାର ସାହୁ, ବୁଲୁ କୁମାର ମାଝି, ନିରଞ୍ଜନ ନାୟକ ଓ ସାମାନ୍ଥା ବାରା ପ୍ରମୁଖ ସହଯୋଗ କରିଥିଲେ।

